

ନିର୍ଭୀକ ଲୋକ ହିଁ ସୁଯୋଗ ପାଇଲେ ଶିଖର ଦେଶରେ ପହଞ୍ଚିଯାଏ।

-ସେକ୍ସପିଅର



## ସଂକ୍ଷେପରେ

### ଗୋପାଳ ସମାଜର ନନ୍ଦ ଉତ୍ସବ

ଜୟପୁର,୨୫।୮(ନି.ପ୍ର.): କୋରାପୁଟ ଜିଲା ଗୋପାଳ ସମାଜ ପକ୍ଷରୁ ନନ୍ଦ ଉତ୍ସବ ପାଳିତ ହୋଇଛି । ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଗୋପାଳ ସମାଜର ସମ୍ପାଦକ ପରମେଶ୍ୱର ପାତ୍ର ଓ ଉପଦେଷ୍ଟା ସୁଦର୍ଶନ ଗୌଡ଼ଙ୍କ ଆହ୍ୱାନ କ୍ରମେ ମଦନ ମୋହନ ନାୟକ ଓ ରାଜେନ୍ଦ୍ର ଗୌଡ଼ଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା । ପ୍ରାରମ୍ଭିକ ସଙ୍ଗୀତ ଶାରଦା ବିହାର ସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀମାନେ ପରିବେଷଣ କରିଥିବା ବେଳେ ଓଡ଼ିଶୀନୃତ୍ୟ, ବୋଡିଗାଁ ଗୋପାଳ ସମାଜର କଳାକାର ନୃତ୍ୟାଭିନୟ ସହ ଭଜନ ପରିବେଷଣ କରିଥିଲେ। ମୁଖ୍ୟବକ୍ତା ଭାବେ ମନୋରଞ୍ଜନ ପ୍ରଧାନ ଯୋଗଦେଇ ଭଗବାନ ଶ୍ରୀକୃଷ୍ଣଙ୍କ ମହାତ୍ମ୍ୟ ତଥା ସାଂପ୍ରତିକ ଗୋପାଳ ସମାଜରେ ଭଗବାନଙ୍କ ଉପଦେଶରେ କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଗୋପାଳ ସମାଜରୁ ଜିଲା ପାଇଁ ଗୌରବ ଆଣିଥିବା ଯୁବ ବୈଜ୍ଞାନିକ ଶିଶିର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ଖଲି ଗୌଡ଼, କୃଷ୍ଣ ଗୌଡ଼, ଉପେନ୍ଦ୍ର ଗୌଡ଼, ଶ୍ରୀନିବାସ ପାତ୍ର, ନରେଶ ମହାକୁଳ, ଭାସ୍କର ନାୟକ, ଦାମୋଦର ଗୌଡ଼, ପୀତାମ୍ବର ମାଣିଆ, ନାରାୟଣ ଗୌଡ଼ ଉପସ୍ଥିତ ଥିଲେ।

### ନୂତନ କମ୍ପ୍ୟୁଟର, ଗଣିତ ଲ୍ୟାବ୍ ଉଦ୍‌ଘାଟିତ

କୋରାପୁଟ,୨୫।୮(ସ୍ୱ.ପ୍ର.): କୋରାପୁଟସ୍ଥିତ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାଳୟର ନୂତନ ପ୍ରଶାସନିକ ଗୃହ ସହ ଛାତ୍ରୀଛାତ୍ରଙ୍କ ପାଇଁ ଗଣିତ ଓ କମ୍ପ୍ୟୁଟର ଲ୍ୟାବ୍ ଉଦ୍‌ଘାଟିତ ହୋଇଛି। ବିଦ୍ୟାଳୟ କମିଟିର ସଭାପତି ତଥା ସରକାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଅମୂଲ୍ୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର କମ୍ପ୍ୟୁଟର ଓ ଗଣିତ ଲ୍ୟାବ, ନୂତନ ଶ୍ରେଣୀଗୃହ, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ କମନ ରୁମ୍‌ର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷା ଅତସି ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଅଭିଭାବକ ଉପସ୍ଥିତ ଥିଲେ।

### ଜେଟ୍‌ଲୀଙ୍କୁ ଶ୍ରଦ୍ଧାଞ୍ଜଳି

ଜୟପୁର,୨୫।୮(ଡି.ଏନ୍.ଏ./ନି.ପ୍ର.): ଜୟପୁର ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ଥାନୀୟ ପାରାବେଡ଼ା ସ୍ଥିତ କାର୍ଯ୍ୟାଳୟରେ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଛି। ନଗର ସଭାପତି ଅମରଲାଲ ଆହୁଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଦେଶ ଜଣେ ପ୍ରଖ୍ୟାତ ଆଇନଜୀବୀ, ରାଜନୀତିଜ୍ଞଙ୍କୁ ହରାଇଲା ବୋଲି ମତ ପ୍ରକାଶ ପାଇଥିଲା। ଏଥିରେ ବୈଦ୍ୟନାଥ ମିଶ୍ର, ଗୌତମ ସାମନ୍ତରାୟ, ମୀନକେତନ ପରିଚ୍ଛା, ଏ. ଦୁର୍ଗା ପ୍ରସାଦ, ଦୁର୍ଗା ମାଧବ ଶତପଥୀ, ଗୌର ଦାଶ, ସନ୍ତୋଷ ମହାପାତ୍ର, ମଧୁ ହିଆଲ, ସୁରଭି ପାଣି, ବିଷ୍ଣୁପ୍ରିୟା ସାହୁ, ଲକ୍ଷ୍ମୀନାରାୟଣ ପାଢ଼ୀ, ରାଜଲକ୍ଷ୍ମୀ ପରିଡ଼ା, ମୋହନ ମାଝି, ରଘୁନାଥ ପାଣିଗ୍ରାହୀ, ରାଧାକାନ୍ତ ପୂଜାରୀ, ମଧୁ ହିଆଲ, ରଘୁନାଥ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ଛତୁଆ ପାଇଁ ଥିବା ଗହମରେ ମଲା ଝିଟିପିଟି

## ■ ଖୋଦ୍ ଉପଜିଲାପାଳ ଦେଖିବା ପରେ କାର୍ଯ୍ୟାନୁଷ୍ଠାନ ସୁପାରିସ କଲେ

ଜୟପୁର,୨୫।୮(ଡି.ଏନ୍.ଏ.)

■ଦାୟିତ୍ୱହୀନ ଆଇସିଡିଏସ୍ ବିଭାଗ
■ସରସ୍ୱତୀ ଏସ୍ଏଚ୍‌ଜି ଉପରେ କଟକଣା
■ଅନ୍ୟାଦେଶ ଯାଏ ଛତୁଆ ପ୍ରସ୍ତୁତି ଓ ଯୋଗାଣ ବନ୍ଦ

ଅଙ୍ଗନୱାଡ଼ି କେନ୍ଦ୍ରକୁ ଛତୁଆ ଯୋଗାଉଥିବା କୋରାପୁଟ ଜିଲା କୋଟପାଡ଼ ବ୍ଲକ କୁସୁମି ସ୍ଥିତ ଏକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ଛତୁଆ ପ୍ରସ୍ତୁତ କରୁଥିବା ବେଳେ ଚଢ଼ାଉ କରିଛନ୍ତି ଜୟପୁର ଉପଜିଲାପାଳ। ଏହି ସମୟରେ ଛତୁଆ ପ୍ରସ୍ତୁତି ପାଇଁ ଥିବା ଗହମରେ ମଲା ଝିଟିପିଟି ଦେଖିବାକୁ ମିଳିଛି। ଫଳରେ ଉକ୍ତ ଏସ୍ଏଚ୍‌ଜି ବିରୋଧକୁ ପ୍ରସ୍ତୁତି ଓ ଯୋଗାଣ ବନ୍ଦ କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେବା ସହ ଆଇସିଡିଏସ୍ ଅଧିକାରୀ ଓ ସୁପରଭାଇଜରଙ୍କ କାର୍ଯ୍ୟରେ ଅବହେଳା, ଦାୟିତ୍ୱହୀନତା ପାଇଁ କାର୍ଯ୍ୟାନୁଷ୍ଠାନ ସୁପାରିଶ୍ କରିଛନ୍ତି। ଉକ୍ତ ଏସ୍ଏଚ୍‌ଜିକୁ କଳା ତାଲିକାଭୁକ୍ତ କରିବା ପାଇଁ ସେ ଜିଲାପାଳଙ୍କୁ ରିପୋର୍ଟ କରିଛନ୍ତି।

ସୂଚନା ଅନୁଯାୟୀ, ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗତ ଶୁକ୍ରବାର ଜିଲାର ୨୬ଟି ଏସ୍ଏଚ୍‌ଜିଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଛତୁଆ କେନ୍ଦ୍ର ଉପରେ ଚଢ଼ାଉ କରାଯାଇ ଖାଦ୍ୟର ମାନ ଯାଞ୍ଚ କରାଯାଇଥିଲା। ଏଥିରେ କୁସୁମି ଗ୍ରାମର ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଚାଲିଥିବା ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରାଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା। ଛତୁଆ ପାଇଁ ଥିବା ଗହମରେ କାଠିକୁଟା ରହିଥିଲା। ଗ୍ରାଇଣ୍ଡିଂ ପାଇଁ ଯିବାବେଳେ ସେଥିରେ ମଲା ଝିଟିପିଟି ଦେଖିଥିଲେ ଉପଜିଲାପାଳ। ସେହିଠାରେ ତୁରନ୍ତ ପ୍ରସ୍ତୁତି ବନ୍ଦ କରିବା ପରେ ପରବର୍ତ୍ତୀ ନିର୍ଦ୍ଦେଶ ନ ହେବା ଯାଏ ଉପରୋକ୍ତ ଏସ୍ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ଛତୁଆ କୌଣସି ଅଙ୍ଗନୱାଡ଼ି କେନ୍ଦ୍ରକୁ ନ ଯୋଗାଇବା ପାଇଁ କହିଥିଲେ ଉପଜିଲାପାଳ। ବ୍ଲକ ଆଇସିଡିଏସ୍ ସିଡିପିଓ ଓ ସୁପରଭାଇଜରଙ୍କ ଦାୟିତ୍ୱହୀନତା ଓ ଯାଞ୍ଚରେ ଅବହେଳା କରିବା ଯୋଗୁ ଏଭଳି ଅବ୍ୟବସ୍ଥା ସୃଷ୍ଟି ହୋଇଥିବା ଉପଜିଲାପାଳ ବିରକ୍ତ ହେବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ସୁପାରିଶ କରିଛନ୍ତି । ଏନେଇ ଉପଜିଲାପାଳ ଦଳବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଏହି ଘଟଣା ନେଇ ଜିଲାପାଳଙ୍କୁ ସମସ୍ତ ରିପୋର୍ଟ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, କୋରାପୁଟ ଜିଲା ଅଧୀନ ୧୪ଟି ବ୍ଲକରେ ୧୫ଟି ଆଇସିଡିଏସ୍ ପ୍ରକଳ୍ପ ଜରିଆରେ ୩୨୦୦ ଅଙ୍ଗନୱାଡ଼ି କେନ୍ଦ୍ରରେ ପ୍ରାୟ ୧ ଲକ୍ଷ ୫୦ ହଜାର ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି। ଏଥିରେ ୨୬ଟି ଏସ୍ଏଚ୍‌ଜି ଏହି ଛତୁଆ ପ୍ରସ୍ତୁତ କରୁଛନ୍ତି।

### ଜିଲାର ୨୬ କେନ୍ଦ୍ରକୁ ପ୍ରଶାସନିକ ନିର୍ଦ୍ଦେଶ

## ସବୁ ମାସ ପହିଲାରେ ଦିଅ ଛତୁଆ

କୋରାପୁଟ,୨୫।୮(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ମାସ ୨୩ ତାରିଖ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ସାମଗ୍ରୀ ମିଶ୍ରଣ କରାଯିବ। ପ୍ରତି ମାସର ପହିଲାରେ ଏହି ଛତୁଆ ସବୁ ଅଙ୍ଗନୱାଡ଼ି କେନ୍ଦ୍ରକୁ ପ୍ରଦାନ କରାଯିବ। ଏହାକୁ ତଦାରଖ କରିବା ପାଇଁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ହୋଇଥିବା ଜିଲା ସମାଜ କଲ୍ୟାଣ ଅଧିକାରୀ ହରେକୃଷ୍ଣ ପ୍ରଧାନ ସୂଚନା ଦେଇଛନ୍ତି। ପ୍ରତ୍ୟେକ ମାସ ୧ ତାରିଖରେ ଛତୁଆ ପ୍ୟାକେଟ ଅଙ୍ଗନୱାଡ଼ି କେନ୍ଦ୍ରରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଥିବା ସେ ସୂଚନା ଦେଇଛନ୍ତି। ଜିଲାର ୨୬ଟି ଛତୁଆ କେନ୍ଦ୍ରରେ ପ୍ରତି ମାସର ୨୩ ତାରିଖରେ ଛତୁଆ ପ୍ରସ୍ତୁତି ପାଇଁ ପ୍ୟାକେଟ ପିଛା ଗହମ ୧୫୩୧.୨୫ ଗ୍ରାମ, ବୁଟ ୩୦୬.୨୫ ଗ୍ରାମ, ଚିନାବାଦାମ ୨୨୯.୬୯ ଗ୍ରାମ ଓ ଚିନି ୩୮୨.୮୧ ଗ୍ରାମ ହିସାବରେ ମୋଟ ୨୪୫୦ ଗ୍ରାମ ମିଶ୍ରଣ କରାଯିବ। ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରା, କୋରାପୁଟ ଉପଜିଲାପାଳ ଲଳିତ କହଁର କିଛି ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ଯାଇ ତଦାରଖ କରିଛନ୍ତି। ତହସିଲଦାର, ଶିଶୁ ବିକାଶ କାର୍ଯ୍ୟାଳୟର ସୁପରଭାଇଜରମାନେ ମଧ୍ୟ ତଦାରଖ କରିଥିବା ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରକାଶ କରିଛନ୍ତି।

## ପୂର୍ବତନ ଅର୍ଥମନ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

ସେମିଳିଗୁଡ଼ା,୨୫।୮(ସ୍ୱ.ପ୍ର.)

ଭାରତର ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲିଙ୍କ ପରଲୋକରେ ଗଭୀର ଶୋକ ବ୍ୟକ୍ତ କରିଛି ସୁନାବେଡ଼ା ଭାଜପା ମଣ୍ଡଳ। ଏନେଇ ଆୟୋଜିତ ସଭାରେ ନିରବ ପ୍ରାର୍ଥନା କରାଯିବା ସହ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ଭାଜପାର ସୁମନ୍ତ ପ୍ରଧାନ, ଜୟରାମ ଗରଡ଼ା, ବଦ୍ରୀ ନାରାୟଣ ପାତ୍ର, ଆଶା ଶର୍ମା, ଦେବେନ୍ଦ୍ର ମହାନ୍ତି, ସୁଧୀର ବାରିକ, ସୁଧୀର ପଟ୍ଟନାୟକ, ରମାକାନ୍ତ ସାହୁ, କାମେଶ୍ୱର ପାତ୍ର, ଚନ୍ଦ୍ରଶେଖର ଘୋଷ, ଟୁନା ଖରା, ଝରଣା ଦାଶ, ସୁରେନ୍ଦ୍ର ନାୟକ, ସତ୍ୟବ୍ରତ ଦାଶ ଉପସ୍ଥିତ ଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ସୁନାବେଡ଼ା ଭାଜପା ମଣ୍ଡଳର କର୍ମକର୍ତ୍ତା।

### ■ ଅସୁସ୍ଥତା ପାଇଁ ଟ୍ରେନ୍‌ରେ ଘରକୁ ଫେରୁଥିଲେ

## ବାଟରେ ବିହାରୀ ଯୁବକଙ୍କ ମୃତ୍ୟୁ

ଜୟପୁର,୨୫।୮(ନି.ପ୍ର./ଡି.ଏନ୍.ଏ.)

ଛଟୁ କୁମର (୨୧) ନାମକ ଜଣେ ବିହାରୀ ଯୁବକଙ୍କ ଅସ୍ୱାଭିବାକ ମୃତ୍ୟୁ ହୋଇଛି । ଏନେଇ ଜୟପୁର ସଦର ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବିହାରର ୪ଜଣ ଯୁବକ ଛତିଶଗଡ଼ର ବିଜାପୁରଠାରେ ଶ୍ରମିକ ଭାବେ କାମ କରୁଥିଲେ। ଛଟୁଙ୍କ ଦେହ ଅସୁସ୍ଥ ହେବାରୁ ସେ ଛୁଟି ମାଗି ୩ ଜଣ ସାଙ୍ଗଙ୍କ ସହ ଜଗଦଲପୁର-ହାୱଡ଼ା ଏକ୍ସପ୍ରେସରେ କଲିକତା ଯାଉଥିଲେ। କିନ୍ତୁ ବାଟରେ ଅବସ୍ଥା ଗୁରୁତର ହେବାରୁ ୩ ସାଙ୍ଗ ଛଟୁଙ୍କୁ ଜୟପୁର ଷ୍ଟେସନରେ ଓହ୍ଲାଇ ଜିଲା ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇବା ପରେ ମାମଲା ରୁଜୁ ସହ ତଦନ୍ତ କରୁଥିବା ଥାନା ଅଧିକାରୀ ଶିବଶଙ୍କର ସାହୁ ପ୍ରକାଶ କରିଛନ୍ତି ।

### ମିଛ ତଥ୍ୟ ପ୍ରଦାନ, କାର୍ଯ୍ୟରେ ଅବହେଳାର ପରିଣାମ

## ଶିକ୍ଷକ ନିଲମ୍ବିତ

କୋରାପୁଟ/ନାରାୟଣପାଟଣା ୨୫।୮(ସ୍ୱ.ପ୍ର.)

ଜିଲା ଶିକ୍ଷାଧିକାରୀଙ୍କୁ ବିଦ୍ୟାଳୟର ଛାତ୍ର ସଂଖ୍ୟା ସମ୍ପର୍କରେ ମିଛ ତଥ୍ୟ ଦେବା ସହ କାର୍ଯ୍ୟରେ ଅବହେଳା କରିବା ଅଭିଯୋଗରେ କୋରାପୁଟ ଡିଇଓ ପ୍ରମୋଦ କୁମାର ପଣ୍ଡା ନାରାୟଣପାଟଣା ବ୍ଲକର ଗାଦିଆଗୁଡା ପ୍ରଧାନ ଶିକ୍ଷକ ଏସ୍. ଚିଲା କ୍ରିଷ୍ଣାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗତ ୨୦ ତାରିଖ ଜିଲା ଶିକ୍ଷା ଅଧିକାରୀ ପଣ୍ଡା ନାରାୟଣପାଟଣା ଗସ୍ତ ସମୟରେ ଯାଇଥିବା ବେଳେ ଗାଦିଆଗୁଡ଼ା ବିଦ୍ୟାଳୟର ମାତ୍ର ୪ ଜଣ ପିଲା ଥିବାବେଳେ ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏହି ସତ୍ୟକୁ ଲୁଚାଇବାକୁ ଉଦ୍ୟମ କରିଥିଲେ। ସେ କାଗଜ ପତ୍ରରେ ୧୪ ଜଣ ପିଲା ଥିବା ଦର୍ଶାଇଥିଲେ । ଜିଲା ଶିକ୍ଷା ଅଧିକାରୀଙ୍କ ଗସ୍ତ ଦିନ ବାହାର ବିଦ୍ୟାଳୟରୁ ୯ ଜଣ ଛାତ୍ରଙ୍କୁ ଏକ ଅଟୋରେ ଆଣି ବିଦ୍ୟାଳୟର ଛାତ୍ର ବୋଲି ବସାଯାଇଥିଲା । କିନ୍ତୁ ଏହି ଘଟଣା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ କ୍ଲଷ୍ଟରର ଜଣେ ଶିକ୍ଷକ ଓ ସିଆରସିସି କରିଥିବା ଅଭିଯୋଗ ହୋଇଥିଲା। ନାରାୟଣପାଟଣାରେ ଏହା ପ୍ରଚାର ହେବା ପରେ ଜିଲା ଶିକ୍ଷା ଅଧିକାରୀ ଶନିବାର ରାତିରେ ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏସ୍. ଚିଲା କ୍ରିଷ୍ଣାଙ୍କୁ ନିଲମ୍ବିତ କରିଛନ୍ତି।

### ■ ଏଆଇଡିଏସ୍‌ଓର ଜିଲାସ୍ତରୀୟ ଛାତ୍ର ସମ୍ମିଳନୀ

## ଶିକ୍ଷାନୀତି ବାତିଲ ଦାବି ତେଜିଲା




ଜିଲାସ୍ତରୀୟ ଛାତ୍ର ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

ଜୟପୁର,୨୫।୮(ନି.ପ୍ର./ଡି.ଏନ୍.ଏ.)

ଜୟପୁର ସରୋଜିନୀ ଭବନରେ ଏଆଇଡିଏସ୍‌ଓ ପକ୍ଷରୁ ଜିଲାସ୍ତରୀୟ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଛି । ଜାତୀୟ ଶିକ୍ଷାନୀତି ୨୦୧୯ ବାତିଲ ଦାବିରେ ଏହି ସମାବେଶ ହୋଇଥିଲା। ଡିଏସ୍‌ଓ ଜିଲା ସଂପାଦକ ଭାଗ୍ୟରବି ଦାସଙ୍କ ଅଧକ୍ଷତାରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବେ ଭିଡି କଲେଜର ଅର୍ଥନୀତି ବିଭାଗ ଏଚ୍‌ଓଡି ପଙ୍କଜ ନାୟକ କେନ୍ଦ୍ର କିମ୍ବା ରାଜ୍ୟ ସରକାର ଶିକ୍ଷାନୀତି ପ୍ରସ୍ତୁତ ବେଳେ ଗ୍ରାମାଞ୍ଚଳରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷାବିତ୍‌ଙ୍କ ମତାମତକୁ ଗ୍ରହଣ କରିବା ଆବଶ୍ୟକ ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା ଏଆଇଡିଏସ୍‌ଓ ରାଜ୍ୟ ସମ୍ପାଦକ ସୁବାସ ନାୟକ ରାଜ୍ୟରେ ୯୬୬ଟି ବିଦ୍ୟାଳୟକୁ ସରକାର ବନ୍ଦ କରିବା ନିଷ୍ପତ୍ତି ପ୍ରତ୍ୟାହାର କରିବା, ସ୍ଥାୟୀ ଭିତ୍ତିକ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତି ଏବଂ କେନ୍ଦ୍ର ସରକାରଙ୍କ ୨୦୧୯ରେ ପ୍ରସ୍ତାବିତ ଶିକ୍ଷାନୀତି ଖସଡ଼ାକୁ ବାତିଲ କରିବା ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭିଡି କଲେଜର ଛାତ୍ରନେତ୍ରୀ ବାସନ୍ତୀ ଖରା, ସମାବେଶ ସଭାପତି ସୁରଜିତ ସ୍ୱାଇଁ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ମିହିର କର୍କରା, ଅବସରପ୍ରାପ୍ତ ଶିକ୍ଷକ ପ୍ରଦ୍ୟୁମ୍ନ ସାନ୍ତ୍ରା, ଭିଡି କଲେଜ ଶିକ୍ଷା ବିଭାଗ ଏଚ୍‌ଓଡି ସତ୍ୟଜିତ ବରାଳ, କେଶବ ନାୟକ, ଅଧ୍ୟାପକ ସୁଶାନ୍ତ ମହାରଣା ଯୋଗ ଦେଇଥିଲେ। ଏଥିରେ ଜୟପୁର ବିକ୍ରମଦେବ ମହାବିଦ୍ୟାଳୟ, ଜୟପୁର ମହିଳା ମହାବିଦ୍ୟାଳୟ, ବୈପାରିଗୁଡ଼ା ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କୁ ଅପହରଣ କରି ଯୁବକ ଗିରଫ

ଜୟପୁର,୨୫।୮(ନି.ପ୍ର.)

ନାବାଳିକାଙ୍କୁ ଅପହରଣ ମାମଲାରେ ପୋଲିସ ଜଣେ ଯୁବକଙ୍କୁ ରବିବାର ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଗୋପବନ୍ଧୁନଗରର ଆକାଶ ବାଘ (୨୪)। ସୂଚନା ଅନୁଯାୟୀ, ଜୟପୁର ସହରର ଜଣେ ନାବାଳିକା ଯୁକ୍ତ ୨ରେ ପଢନ୍ତି। ତାଙ୍କୁ ଗତ ୧୯ ତାରିଖରେ ଅପହରଣ କରାଯାଇଥିବା ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ଜିଲା ଚିକିତ୍ସାଳୟରେ ଡାକ୍ତରୀ ମାଇନା କରାଯାଇ ନାବାଳିକାଙ୍କୁ ତାଙ୍କ ପରିବାରକୁ ଜିମା ଦିଆଯାଇଥିବା ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି କହିଛନ୍ତି।

## ବୀର ସୁରେନ୍ଦ୍ର ସାଏ ପାଠାଗାର ପ୍ରତିଷ୍ଠା ଉତ୍ସବ

କୋରାପୁଟ,୨୫।୮(ସ୍ୱ.ପ୍ର.)

କୋରାପୁଟ ବ୍ଲକ ଡୁମୁରିପୁଟ ସ୍ଥିତ ବୀର ସୁରେନ୍ଦ୍ର ସାଏ ପାଠାଗାରର ୧୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସଭାପତି ଏମ୍. ସୁରେଶ କୁମାରଙ୍କ ଅଧକ୍ଷତାରେ ଆୟୋଜିତ ସମାରୋହର ପ୍ରାରମ୍ଭରେ କୋରାପୁଟ ବିଧାୟକ ତଥା ପାଠଗାରର ମୁଖ୍ୟ ଉପଦେଷ୍ଟା ରଘୁରାମ ପଡାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ପାଇଁ ପାଠାଗାରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହା ସହ ପାଠାଗାରରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଶେଷକରି ଏଠାରେ ପାନୀୟ ଜଳ ଯୋଗାଣ ଓ ଆଲୋକୀକରଣ ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ ଯୋଗଦେଇ ପାଠାଗାରର ବିଭିନ୍ନ କାର୍ଯ୍ୟକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ପାଠାଗାରର ସଂପାଦକ ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ଜଗଦିଶ ଖୋସଲା ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ତ୍ରିପତି ପାଣିଗ୍ରାହୀ, ସହ-ସମ୍ପାଦକ ବିଷ୍ଣୁପ୍ରସାଦ ଦାସ, ସାଂସ୍କୃତିକ ସମ୍ପାଦକ ଜିତେନ୍ଦ୍ର ସାହୁ, ଲାଇବ୍ରେରିଆନ୍ ମଧୁସୂଦନ ଖେମୁଣ୍ଡୁ, କାର୍ଯ୍ୟକାରୀ ସଦସ୍ୟ ସୁକାନ୍ତ ନାୟକ, ସୂର୍ଯ୍ୟ ନାରାୟଣ ସାହୁ, ସୁରଜିତ ବାଘ, ଧର୍ମେନ୍ଦ୍ର ବେହେରା, ସନ୍ତୋଷ ଦାସ, ମୁନା ପଡାଲ, ଅରୁଣ ପାଳ, ସୀମାଞ୍ଚଳ ସାହୁ ଯୋଗ ଦେଇଥିଲେ।




ପାଠାଗାର ପ୍ରତିଷ୍ଠା ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ବିଛଣାରେ ପଡ଼ିଛନ୍ତି ଅସୁସ୍ଥ ସ୍ୱାମୀ, ଶ୍ୱଶୁର

### ଉଭୟଙ୍କ ପଥ୍ୟ ସାଙ୍ଗକୁ ପରିବାର ପେଟ ଚିନ୍ତାରେ ସୁବାଇ

ଦଶମନ୍ତପୁର,୨୫।୮(ଡି.ଏନ୍.ଏ.)

ପ୍ରଥମେ ଶ୍ୱଶୁର ଶଯ୍ୟାଶାୟୀ ଥିଲେ। ସ୍ୱାମୀ ରୋଜଗାର କରି ଘର ଚଳାଉଥିଲେ। ଦଇବ ଦାଉ ସାଧିଲା। ଶ୍ୱଶୁରଙ୍କ ପରେ ସ୍ୱାମୀ ମଧ୍ୟ ଅସୁସ୍ଥ ହୋଇ ବିଛଣା ଧରିଲେ। ଏବେ ଶଯ୍ୟାଶାୟୀ ସ୍ୱାମୀ ଓ ଶ୍ୱଶୁରଙ୍କ ଦାୟିତ୍ୱ ନେଇ ଜୀବନ ବଞ୍ଚୁଛନ୍ତି ଦଶମନ୍ତପୁର ବ୍ଲକ ପରଜା ବାରିକଣ୍ଠା ଗ୍ରାମର ଅସହାୟ ସୁବାଇ। ଜଣେ ମହିଳାଙ୍କ କାନ୍ଧ ଉପରେ ଏଭଳି ଗୁରୁ ଦାୟିତ୍ୱ ଥିବାବେଳେ ପେଟ ପୋଷିବା ଓ ସ୍ୱାମୀ, ଶ୍ୱଶୁରଙ୍କ ପାଇଁ ପଥ୍ୟ ଯୋଗାଡ଼ କରିବା ତାଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି।



ଶଯ୍ୟାଶାୟୀ ବୈପାରୀଙ୍କ ସହ ସ୍ତ୍ରୀ ସୁବାଇ।

ସୂଚନା ଅନୁଯାୟୀ, ପରଜା ବାରିକଣ୍ଠା ଗ୍ରାମର ବୈପାରି ଜାନୀ (୪୫) ନିଜ ବାପା, ସ୍ତ୍ରୀ ସୁବାଇ ଓ ଦୁଇ ପୁଅଙ୍କୁ ନେଇ ସୁରୁଖୁରୁରେ ଚାଲିଥିଲା ପରିବାର। ପୁଅମାନେ ବାହାରେ ରହୁଛନ୍ତି। ବାପା ପକ୍ଷାଘାତରେ ଶଯ୍ୟାଶାୟୀ। ପରିବାରର ଏକମାତ୍ର ରୋଜଗାରିଆ ତଥା ମୁରବି ଥିଲେ ବୈପାରୀ। ହାଟରେ ମୂଲ ଲାଗୁଥିଲେ। ପରେ ସ୍ତ୍ରୀ ସୁବାଇଙ୍କ ସହ ମିଶି ପୋଡୁଚାଷ କରି ପେଟ ପୋଷୁଥିଲେ। ସୁବାଇଙ୍କ କହିବାନୁଯାୟୀ, ମାସେ ତଳେ ହଠାତ୍ ବୈପାରୀଙ୍କ ପରିସ୍ରାରେ ରକ୍ତ ପଡ଼ିଥିଲା। ତାହା ଭଲ ନ ହେବାରୁ ସପ୍ତାହେ ପରେ ସ୍ୱାମୀଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ ସୁବାଇ। ଜିଲା ଚିକିତ୍ସାଳୟ ନେବା ପାଇଁ ସେଠାରେ ଡାକ୍ତର ପରାମର୍ଶ ଦେଇଥିଲେ ମଧ୍ୟ ଟଙ୍କା ଅଭାବ ଯୋଗୁ ସୁବାଇ ସ୍ୱାମୀଙ୍କ ଘରକୁ ଫେରାଇ ଆଣିଥିଲେ। ଏହାପରେ ଆରମ୍ଭ ହୋଇଥିଲା ଫୁଲାରୋଗ। ପ୍ରଥମେ ତାଙ୍କ ମୁହଁ ଓ ଧୀରେଧୀରେ ସମ୍ପୂର୍ଣ୍ଣ ଶରୀର ଫୁଲିଗଲା। ଏହାପରେ ମଧ୍ୟ ବୈପାରୀ ଖାଦ୍ୟ ଖାଉଥିଲେ। ମାତ୍ର ୫ଦିନ ହେଲା ତାଙ୍କ ପେଟ ଟାଣ ହେବା ସହ ତଣ୍ଟି ଫୁଲିଯିବା ଯୋଗୁ ସେ ଆଉ କିଛି ଖାଇପାରୁ ନାହାନ୍ତି। ସ୍ୱାମୀ ଭଲ ହୋଇଯିବା ଆଶାରେ ସୁବାଇ ବିଭିନ୍ନ ଗାଁରେ ଦିଶାରୀ ଓ ଗୁଣିଆଙ୍କ ପରାମର୍ଶରେ ଚେରମୂଳି ଔଷଧ ଦେବା ସହ ବହୁ ପୂଜାର୍ଚ୍ଚନା କରିଛନ୍ତି। କିନ୍ତୁ ସୁଫଳ ମିଳିନାହିଁ। ଏବେ ବୈପାରୀ ଶ୍ୱାସକ୍ରିୟା ବେଳେ କଷ୍ଟ ଅନୁଭବ କରୁଛନ୍ତି। ଅର୍ଥ ଅଭାବ ଯୋଗୁ ସୁବାଇ ଏବେ ସ୍ୱାମୀ ଓ ଶ୍ୱଶୁରଙ୍କ ଚିକିତ୍ସା କରି ନପାରି ଭଗବାନଙ୍କ ଭରସାରେ ଘରେ ପଡ଼ିରହିଛନ୍ତି। ତାଙ୍କୁ ସରକାରୀ ସହାୟତା ସହ ପ୍ରଶାସନ ଉଭୟଙ୍କ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଅଟୋ-ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ରାୟଗଡ଼ା ଅଫିସ,୨୫।୮: ସ୍ଥାନୀୟ ଗଜପତି ଛକରେ ଏକ ଅଟୋ ସହ ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି । ସେମାନେ ହେଲେ ଜେକେପୁର ଏସ୍‌ପିଟିର ଏମ. ପାର୍ବତେଶ୍ୱର ଓ ରାୟଗଡ଼ା କସ୍ତୁରୀନଗରର ଏସ. ମୁରଲୀ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି । ଉକ୍ତ ୩ ଗାଡ଼ି ୩୨୬ ନଂ ଜାତୀୟ ରାଜପଥ ଦେଇ ଯାଉଥିଲା । ଆଗରେ ପୋଲିସ ଗାଡ଼ି ଯାଞ୍ଚ କରୁଥିବା ଦେଖି ୨ ବାଇକ୍ ଆରୋହୀ ଭୁଲ ରାସ୍ତାକୁ ଚାଲି ଆସିବାରୁ ଦୁର୍ଘଟଣା ଘଟିଥିବା ଜଣାଯାଇଛି ।

### ଅଗ୍ନିକାଣ୍ଡରେ ଆସବାବପତ୍ର ନଷ୍ଟ,ମହିଳା ଆହତ



ଦୁର୍ଗୀ,୨୫।୮: ରାୟଗଡ଼ା ଜିଲା ବିଷମକଟକ ବ୍ଲକ କୁମ୍ଭାରଡ଼ାମୁଣି ପଞ୍ଚାୟତର ଦଳିତସାହିରେ ଏକ ଅଗ୍ନିକାଣ୍ଡ ଘଟିଛି । ବିଭୀଷଣ ହିଆଲଙ୍କ ଘରେ ନିଆଁ ଲାଗିଯାଇଥିବାରୁ ସମସ୍ତ ଜିନିଷପତ୍ର ନଷ୍ଟ ହୋଇଯାଇଛି । ଏଥିରେ ତାଙ୍କ ଘରକୁ ଆସିଥିବା ଜଣେ ସମ୍ପର୍କୀୟ ମହିଳା ଆହତ ହୋଇଛନ୍ତି । ତାଙ୍କୁ ମିଶନ ହସପିଟାଲରେ ଭର୍ତ୍ତି କରାଯାଇଛି । ଗ୍ୟାସ ଲିକ୍ ହୋଇ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାଯାଇଛି ।

### ଗଜଲକ୍ଷ୍ମୀ ପୂଜା ନେଇ ପ୍ରସ୍ତୁତି ବୈଠକ



ଗୁଣପୁର,୨୫।୮(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁରର ମରାଠିଗୁଡାଠାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଅକ୍ଟୋବର ୧୩ ତାରିଖରେ ଏହି ପୂଜା ଅନୁଷ୍ଠିତ ହେବ। ପୂଜା କମିଟି ସଭାପତି ମନୋରଞ୍ଜନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂଜା କିପରି ଧୁମଧାମର ସହ ପାଳନ କରାଯିବ, ସେନେଇ ଆଲୋଚନା ହୋଇଥିଲା । ସମ୍ପାଦକ ଶିବ ପ୍ରସାଦ ମହାପାତ୍ର ବିଗତ ବର୍ଷର ଆୟବ୍ୟୟ ଅଟକଳ କରିବାସହ ବିବରଣୀ ପାଠ କରିଥିଲେ । ଉପସ୍ଥିତ ସଭ୍ୟମାନେ ପୂଜା କିପରି ଆଡମ୍ବର ସହକାରେ ପାଳନ କରାଯିବ ସେନେଇ ମତାମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ସମେଶ୍ୱର ସାମଲ, ଉପସଭାପତି ଗୋପାଳ ମହାପାତ୍ରଙ୍କ ସମେତ ସୂର୍ଯ୍ୟ ନାରାୟଣରଥ, ମୀନକେତନ ପଣ୍ଡା, ଦେବ ପ୍ରସାଦ ପାଢୀ, ରାଜେନ୍ଦ୍ର ସାହୁକାର, ରବୀନ୍ଦ୍ର ପଣ୍ଡା, କମଳାକାନ୍ତ ଖୁଣ୍ଟିଆ, ସୁରେନ୍ଦ୍ର ଆଚାର୍ଯ୍ୟଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଜରାଜୀର୍ଣ୍ଣ ଅବସ୍ଥାରେ କପିଳାସ ରୋଡ଼ ଓଭରବ୍ରିଜ

# ଯାତାୟାତରେ ସୁରକ୍ଷିତ ମଣୁନାହାନ୍ତି ଲୋକେ



ଓଭର ବ୍ରିଜ୍ ତଳେ ଲୁହାବିମ୍ ଲଗାଯାଇଛି।



କପିଳାସ ରୋଡ୍ ଓଭରବ୍ରିଜ୍।

ରାୟଗଡ଼ା ଅଫିସ,୨୫।୮

ରାୟଗଡ଼ା ସହରର କପିଳାସ ରୋଡ଼ ନିକଟରେ ରହିଛି ଏକ ଓଭରବ୍ରିଜ । ଏଥିରେ ସକାଳଠାରୁ ରାତି ପର୍ଯ୍ୟନ୍ତ ବହୁ ଗାଡ଼ି ଚଳାଚଳ କରିଥାଏ । ସହରବାସୀଙ୍କ ଯାତାୟାତ ନିମନ୍ତେ ଦୀର୍ଘ ୨୩ ବର୍ଷ ତଳେ ଏହା ନିର୍ମାଣ କରାଯାଇଥିଲା। ହେଲେ ଏବେ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବ୍ରିଜ ଉପରେ ଖାଲ ସୃଷ୍ଟି ହୋଇଥିବା ବେଳେ ତଳପଟେ ଲୁହା ରଡ଼ ବାହାରିଲାଣି। ବ୍ରିଜର ଅନେକ ସ୍ଥାନରେ ଅନାବନା ଗଛ ଉଠିଥିବା ଦେଖିବାକୁ ମିଳିଛି । ରାଞ୍ଚି ବିଜୟୱାଡ଼ା କରିଡ଼ର ଓ ୩୨୬ ନମ୍ବର ଜାତୀୟ ରାଜପଥ ସଂଯୋଗ ଦ୍ୱାରା ଆନ୍ଧ୍ର, ଛତିଶଗଡ଼ ଏବଂ ଅବିଭକ୍ତ କୋରାପୁଟ ଜିଲାର ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ଗଜପତି ଆଦି ସ୍ଥାନକୁ ଏହି ଓଭରବ୍ରିଜ ଦେଇ ଯାତାୟାତ କରିହୁଏ । ଅବହେଳିତ ଅବସ୍ଥାରେ ରହିଥିବା ଏହି ଓଭରବ୍ରିଜ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଅନେକ ସ୍ଥାନରେ ଏକ ଫୁଟରୁ ଅଧିକ ଲେଖାଏଁ ବଡ଼ ବଡ଼ ଖାଲ ହେବା ସହ ମେଟାଲଗୁଡ଼ିକ ଉଠିଗଲାଣି। ଫଳରେ ଅଧିକାଂଶ ସମୟ ଏଠାରେ ଦୁର୍ଘଟଣା ଘଟୁଛି। ତେବେ ଏହି ଖାଲଖମାକୁ କଂକ୍ରିଟରେ କରା ନ ଯାଇ କେବଳ କ୍ରଶର ଗୁଣ୍ଡ ପକାଇ ପ୍ୟାଚ ୱାର୍କ କରିଦିଆଯାଉଛି । କିଛି ବର୍ଷ ତଳେ ବ୍ରିଜର ଗୋଟିଏ ସ୍ଲାବ ତଳେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ସ୍ଲାବଟି କ୍ଷତିଗ୍ରସ୍ତ ହୋଇଥିଲା। ସେଠାରେ ଲୁହାବିମ ଲଗାଯାଇ ଛାଡ଼ିଦିଆଯାଇଛି । ଫଳରେ ଲୋକମାନେ ଉକ୍ତ ଓଭରବ୍ରିଜରେ ଯାତାୟାତ କରିବାରେ ସୁରକ୍ଷିତ ମଣୁନାହାନ୍ତି । ବ୍ରିଜ ତଳେ ପରିବା ବ୍ୟବସାୟ କରୁଥିବା ଅନୁଷ୍କା ବେହେରା କହିଛନ୍ତି ଯେ, ବ୍ରିଜର ଏପରି ଅବସ୍ଥାରେ ଭାରିଯାନ ଯାତାୟାତ କରିବାରୁ ଆମେ ଅସୁରକ୍ଷିତ ମନେ କରୁଛୁ । ସେହିପରି ଏ.ଭେଙ୍କେଟ ରାମଣା କୁହନ୍ତି, ବ୍ରିଜର ବୁଲାଣିରେ ଅନେକ ଦୁର୍ଘଟଣା ହେଉଛି । ବ୍ରିଜ ତଳେ ଆମେ ପରିବା ବିକ୍ରି କରୁଛୁ । କେତେବେଳେ କଣ ଦୁର୍ଘଟଣା ନ ଘଟିବ ସେନେଇ କହି ହେବନାହିଁ । ଏଥିରେ ଭାରିଯାନ ଯାତାୟାତ ବନ୍ଦ କରିବାକୁ ସାଧାରଣରେ ଦାବି ହୋଇଛି । ଏନେଇ ଜାତୀୟ ରାଜପଥ ଉପବିଭାଜନ ରାୟଗଡ଼ାର ସହକାରୀ ନିର୍ବାହୀଯନ୍ତ୍ରୀ ଅଶୋକ ସାହୁଙ୍କୁ ପଚାରିବାରୁ, ଏହି ବ୍ରିଜ ପାଇଁ କୌଣସି ବଜେଟ ଆସିନାହିଁ । ଆମେ ଏଥିରେ ପ୍ୟାଚ ୱାର୍କ କରୁଛୁ । ଉଚ୍ଚ ଅଧିକାରୀଙ୍କୁ ଏନେଇ କହିଛୁ । ଶୀଘ୍ର ଏହାର ସମାଧାନ ପାଇଁ ଚେଷ୍ଟା କରିବୁ ବୋଲି କହିଛନ୍ତି ।



ଏ. ଭେଙ୍କେଟ ରାମଣା



ଅନୁଷ୍କା ବେହେରା

## ଡାକ ବିଭାଗ କର୍ମଚାରୀଙ୍କୁ ନେଇ ସମ୍ମିଳନୀ

ରାୟଗଡ଼ା ଅଫିସ,୨୫।୮

ରାୟଗଡ଼ା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଭାରତୀୟ ଡ଼ାକ ବିଭାଗର ଗ୍ରୁପ ସି ଓ ଏମଟିଏସ କର୍ମଚାରୀଙ୍କ ରବିବାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା । ଖାଲି ପଡ଼ିଥିବା ପଦବୀଗୁଡ଼ିକ ପୂରଣ କରିବା, ଉତ୍ତମ ସେବା ଯୋଗାଇବା, ଏନପିଏସ ପ୍ରଥା ବନ୍ଦ କରିବା, ଉପରନ୍ତୁ କର୍ମଚାରୀଙ୍କ ମନୋମୁଖୀ ନିଷ୍ପତ୍ତି, ମୁଖ୍ୟ ଡ଼ାକଘର ଓ କର୍ମଚାରୀଙ୍କ ବାସଗୃହର ଠିକ୍ ଭାବେ ରକ୍ଷଣାବେକ୍ଷଣ କରିବା, ମାନ୍ୟତା ପାଇ ନ ଥିବା ସଂଗଠନଗୁଡ଼ିକ ଅଯଥାରେ ଗୁରୁତ୍ୱ ପ୍ରଦାନ ଓ ଡ଼ାକ କର୍ମଚାରୀଙ୍କୁ ଏକତା କରିବା ବିଷୟରେ ଆଲୋଚନା କରାଯାଇଥିଲା । ଏହି ସମ୍ମିଳନୀରେ ଗ୍ରୁପ ସି ଓଡ଼ିଶା ସର୍କଲର ତ୍ରିଲୋଚନ ପଣ୍ଡା ମୁଖ୍ୟଅତିଥି, ଗ୍ରୁପ ସିର ପୂର୍ବତନ ଫାଇନାନ୍ସିଆଲ କମିଟି ସଭାପତି ଭବାନୀ ପ୍ରସାଦ ମିଶ୍ର, ସିଆଇଟିୟୁ ସଭାପତି ଚନ୍ଦନ ହରେନ୍ଦ୍ରନାଥ, ଡ଼ିଭିଜନାଲ ସେକ୍ରେଟାରୀ ଗ୍ରୁପ ସି ବିଶିକେଶନ ମାହାଲିକ, ଲକ୍ଷ୍ମଣ ରତ୍ନାଲୁ, କୁଞ୍ଜବିହାରୀ ଦାସ ସମ୍ମାନିତ ଅତିଥି,ବୃହସ୍ପତି ସାମଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ।




ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ।

## ଅରବିନ୍ଦ ଶିକ୍ଷାକେନ୍ଦ୍ରର କାର୍ଯ୍ୟକାରିଣୀ ବୈଠକ

ଗୁଣପୁର,୨୫।୮(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଅରୋଶ୍ରୀ ବିହାରଠାରେ ରବିବାର ଆବିନ୍ଦ ଶିକ୍ଷାକେନ୍ଦ୍ରର ସମର୍ପଣମଣ୍ଡଳର ସମନ୍ୱୟ ଏବଂ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅରବିନ୍ଦଙ୍କ ସମାଧିସ୍ଥଳରେ ସମବେତ ଧ୍ୟାନ କରାଯିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଦୁର୍ଗା ସ୍ତୋତ୍ର ଆବୃତି, ଧ୍ୟାନ ଓ ପ୍ରାର୍ଥନା କରାଯାଇଥିଲା । ସଭାରେ କୋରାପୁଟ ଜିଲା ସଂଗଠକ ପ୍ରଶାନ୍ତ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ରାୟଗଡାର ସଂଯୁକ୍ତା ମାଦଳା ଦୁର୍ଗାସ୍ତୋତ୍ର, ଗୁଣପୁରର ବୃନ୍ଦାବତୀ ପଣ୍ଡା ଧ୍ୟାନ ଓ ପ୍ରାର୍ଥନା ଏବଂ ବାଲିମେଳାର ଇନ୍ଦୁମତୀ ସାହୁମା ପୁସ୍ତକ ପାଠ କରିଥିଲେ । ଜୟପୁରର ସନ୍ତୋଷୀ ପାତ୍ର ମାତୃମନ୍ତ୍ର ଆବୃତ୍ତି କରିଥିଲେ । ସମର୍ପଣ ମଣ୍ଡଳର ସଂଯୋଜକ ସୁରେଶ ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେବାସହ ବିବରଣୀ ପାଠ କରିଥିଲେ । ପରସ୍ପର ମଧ୍ୟରେ ସମନ୍ୱୟ ଓ ସଂହତି ରକ୍ଷା କରି ସାଂଗଠନିକ କାର୍ଯ୍ୟକୁ ଆଗେଇ ନେବା ପାଇଁ ସଂଯୋଜକ ମିଶ୍ର ଅନୁରୋଧ କରିଥିଲେ । ଆଗାମୀ ଦିନରେ ଅରବିନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା । କୋରାପୁଟର ଟଙ୍କଧର ବେହେରା ଓ ନବଜୀବନ ଶିକ୍ଷା ସଂସଦ ସଂଯୋଜକ ବ୍ରଜମୋହନ ବେହେରା ଅରବିନ୍ଦ ପାଠଚକ୍ରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏଥିରେ ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଏବଂ ରାୟଗଡ଼ା ଜିଲା ସଂଗଠକମାନେ ଯୋଗ ଦେଇଥିଲେ। ଶେଷରେ ଗୁଣପୁର ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମ୍ପାଦକ ସୁଦର୍ଶନ ପୃଷ୍ଟି ଧନ୍ୟବାଦ ଦେଇଥିଲେ।



ବୈଠକରେ ମଞ୍ଚାସୀନ ଅତିଥି ।

## ୩ ବର୍ଷ ପରେ ଖୋଲିଲା ଜେଇଏଲ ଚର୍ଚ୍ଚ



ପୋଲିସ ଉପସ୍ଥିତିରେ ଚର୍ଚ୍ଚକୁ ଖୋଲାଯାଉଛି।

ବିଷମକଟକ, ୨୫।୮ (ଡି.ଏନ୍.ଏ.)

ଦୀର୍ଘ ବର୍ଷର ବିବାଦ ପରେ ରବିବାର ବିଷମକଟକସ୍ଥିତ ଜେଇଏଲ ଚର୍ଚ୍ଚ ତାଲା ଖୋଲାଯାଇଛି । ବର୍ତ୍ତମାନ ଘଟଣାସ୍ଥଳରେ ପୋଲିସ ମୁତୟନ ଅଛନ୍ତି । ୮ ବର୍ଷ ହେଲା ଜେଇଏଲ୍ ଚର୍ଚ୍ଚକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଥିଲା । ଚର୍ଚ୍ଚର ମଣ୍ଡଳୀପାଳକ ଜଣେ ସାଧାରଣ କର୍ମକର୍ତ୍ତା ହୋଇ ମଣ୍ଡଳୀର ଭାରପ୍ରାପ୍ତ ଦାୟିତ୍ୱରେ ଦୀର୍ଘଦିନରୁ ରହି ଆସୁଛନ୍ତି। ଏହାକୁ ଏକ ଗୋଷ୍ଠୀ ବିରୋଧ କରିଥିଲେ। ଏହି ବିବାଦର ସମାଧାନ ଲାଗି ପୋଲିସ ଓ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଥିଲା। ଉଭୟ ଗୋଷ୍ଠୀଙ୍କୁ ଡକାଯାଇ ଆଲୋଚନା ହୋଇଥିଲା। ହେଲେ କୌଣସି ନିଷ୍କର୍ଷ ବାହାରି ପାରୁ ନ ଥିଲା । ୨୦୧୬ରେ ବିରୋଧ କରୁଥିବା ଗୋଷ୍ଠୀ ଚର୍ଚ୍ଚରେ ତାଲା ପକାଇ ଦେଇଥିଲେ। ଏହି ବିବାଦକୁ ନେଇ ମଣ୍ଡଳୀପାଳକ ବିଷମକଟକ ଜେଏମଏଫସି କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ୨୩।୭।୧୯ରେ ବିଷମକଟକ ଜେଏମ୍ଏଫ୍‌ସି କୋର୍ଟ ଖ୍ରୀଷ୍ଟଧର୍ମର ବାୟଲକୁ ଭିତ୍ତିକରି ଚର୍ଚ୍ଚର ମଣ୍ଡଳୀପାଳକଙ୍କ ସପକ୍ଷରେ ରାୟ ପ୍ରକାଶ କରିଥିଲେ । ଏହି ରାୟକୁ ସ୍ୱାଗତ କରି ମଣ୍ଡଳୀ ପାଳକ ଦୀର୍ଘ ୩ ବର୍ଷ ପରେ ଚର୍ଚ୍ଚ ଖୋଲିବା ସହ ପ୍ରାର୍ଥନା ଓ ଉପାସନା କରିଛନ୍ତି । ଅନ୍ୟପକ୍ଷରେ ଆଗାମୀ ଦିନରେ ଆମେ ଆଇନର ଆଶ୍ରୟ ନେବୁ ବୋଲି ବିରୋଧୀ ଗୋଷ୍ଠୀ ପ୍ରକାଶ କରିଛି ।

### ମାଣିକେଶ୍ୱରୀ ଯାତ୍ରା ପ୍ରସ୍ତୁତି ବୈଠକ

ଚନ୍ଦ୍ରପୁର, ୨୫।୮ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡାଠାରେ ବହୁ ପୁରାତନ ମା' ମାଣିକେଶ୍ୱରୀ ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ମୁଖିଆ ସାହିରେ ଆୟୋଜିତ ବୈଠକରେ ଆସନ୍ତା ୧୦ରୁ ଯାତ୍ରା ଆରମ୍ଭ ହୋଇ ୨୨ ତାରିଖରେ ଶେଷ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ପରମ୍ପରା ଅନୁଯାୟୀ ସ୍ଥାନୀୟ ବଂଶଧାରା ନଦୀରେ ପୂଜା ପାଠ କରାଯାଇ ବାଲି ଅଣାଯିବାର କାର୍ଯ୍ୟକ୍ରମ ରହିଛି। ବାଲି ଆଣିବାଠାରୁ ପ୍ରତ୍ୟେକ ଦିନ ବାଲିଘର ସମ୍ମୁଖରେ ମୁଖ୍ୟ ପୂଜକ ଗଙ୍ଗାଧର ପାତ୍ର ମାଣିକେଶ୍ୱରୀଙ୍କ ବିଭିନ୍ନ ବେଶ ଭୂଷାରେ ସଜ୍ଜିତ ହୋଇ ନୃତ୍ୟ କରିବା ସହ କଣ୍ଟାଦୋଳିରେ ଝୁଲିବେ । ଏଥିସହ ନିଆଁରେ ଚାଲିବେ। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା ରହିଛି ବୋଲି ମାଣିକେଶ୍ୱରୀ ପୂଜା କମିଟି ସଭାପତି ଦୟାନିଧି ପାତ୍ର କହିଛନ୍ତି।



ପ୍ରକଳ୍ପକୁ ଛାତ୍ରୀମାନେ ବୁଲି ଦେଖୁଛନ୍ତି ।

## ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ରାୟଗଡ଼ା ଅଫିସ୍, ୨୫।୮

ଗାୟତ୍ରୀନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଦୁଇଦିନ ଧରି ଚାଲିଥିବା ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଟ୍ରେନିଂ ଇନ୍ ଚାର୍ଯ୍ୟର ସନ୍ତୋଷ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ମାନବର କଲ୍ୟାଣ ନିମନ୍ତେ କିପରି ଉଦ୍ଦିଷ୍ଟ ସେ ବିଷୟରେ ପିଲାମାନଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସଙ୍କୁଳ ପ୍ରମୁଖ ଚନ୍ଦ୍ରଶେଖର ନାୟକ, ବିଦ୍ୟାଳୟର ସଭାପତି ହୃଦୟାନନ୍ଦ ପଣ୍ଡା ଉପସ୍ଥିତ ଥିଲେ। ଏହି ଜ୍ଞାନ ବିଜ୍ଞାନ ମେଳାରେ ୬ ଗୋଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ୪୦ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଜ୍ଞାନ ପ୍ରଶ୍ନମଞ୍ଚ, ସଂସ୍କୃତି ଜ୍ଞାନ, ପ୍ରଶ୍ନମଞ୍ଚ, ବୈଦିକ ଗଣିତ ପ୍ରଶ୍ନମଞ୍ଚ, ଚାର୍ଟ ପ୍ରଦର୍ଶନ ଆଦି ହୋଇଥିଲା। ବିଦ୍ୟାଳୟର ସମ୍ପାଦକ ଡ. ସୁନିଲ ପ୍ରସାଦ ମହାପାତ୍ରଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ବିଜ୍ଞାନ ଆଚାର୍ଯ୍ୟ ଓ ବିଦ୍ୟାଳୟର ସମସ୍ତ ଗୁରୁମା' ଗୁରୁଜୀ ସହଯୋଗ କରିଥିଲେ। ସଂକୁଳର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଚରଣ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବିଭିନ୍ନ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

# ଆଇନ ସଚେତନତା ଶିବିର

ପଦ୍ମପୁର,୨୫।୮(ଡି.ଏନ୍.ଏ.)

ପଦ୍ମପୁର ବ୍ଲକର ଆଖୁସିଂ ଗ୍ରାମପଞ୍ଚାୟତ ଠାରେ ଗୁଣପୁର ତାଲୁକା ଆଇନ ସେବା ସମିତି ଆୟୋଜନ କ୍ରମେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲାଜଜ୍ ଅଜୟ କୁମାର ପ୍ରଧାନ, ଗୁଣପୁର ଏସ୍‌ଡିଜେଏମ୍ ଅରୁନ୍ଧତୀ ଆଚାର୍ଯ୍ୟ, ୨ୟ କ୍ଲାସ ମାଜିଷ୍ଟ୍ରେଟ୍ ଦିପଙ୍କର ବଳ, ପଦ୍ମପୁର ବିଡିଓ ଅଗସ୍ତି ପ୍ରଧାନ, ପଦ୍ମପୁର ତହସିଲଦାର ନୀଳ ମାଧବ ମାଝି, ପଦ୍ମପୁର ଥାନା ଆଇଆଇସି ଜୟଶ୍ରୀ ପ୍ରଧାନ, ଡାକ୍ତର ସୌମ୍ୟରଞ୍ଜନ ପତି, ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ପ୍ରମିଳା ବେହେରା, ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ ନାୟକ, ଆଇନଜୀବୀ ରମେଶ ଲିମା ଓ ଦିଲୀପ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ସମାଜ ପାଇଁ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଆଇନକୁ ନାଗରିକ ସେବାରେ ଲଗାଇଲେ ବିକାଶର ଦ୍ୱାର ଖୋଲିବା ସମ୍ଭବ ବୋଲି ମତ ପ୍ରକାଶ ପାଇଥିଲା । ବିପିଏଲ୍ ପରିବାର କିଭଳି ମାଗଣା ସେବା ପାଇବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଫାଇଦା ନେବେ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା। ଉକ୍ତ ଶିବିରରେ ବ୍ଲକ ବିହନ ବିକ୍ରୟ ଅଧିକାରୀ ଦାଶରଥି ସେନାପତି ମଞ୍ଚ ପରିଚାଳନା କରିଥିଲେ । ଏହି ଶିବିରରେ ନାଇରା, ଇନ୍ଦୁପୁର, କେନ୍ଦୁଗୁଡା, ଜାଡିଲି, ଆଖୁସିଂର ବହୁ ଜନସାଧାରଣ ଓ ସ୍ୱୟଂସହାୟକ ଗୋଷ୍ଠୀ ଏବଂ ମହିଳା ସଂଗଠନର ସଦସ୍ୟାମାନେ ଯୋଗ ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ବ୍ଲକସ୍ତରୀୟ ଅଙ୍ଗନୱାଡି କର୍ମୀ ସଂଘ ବୈଠକ

# କର୍ମୀଙ୍କ ସମସ୍ୟା ନେଇ ଆଲୋଚନା

ଗୁଣପୁର,୨୫।୮(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବ୍ଲକସ୍ତରୀୟ ଅଙ୍ଗନୱାଡି କର୍ମୀ ଏବଂ ସହାୟକ ସଂଘର ବୈଠକ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକକୁ ବରିଷ୍ଠ କର୍ମୀ ଯଶସ୍ୱିନୀ ମହାପାତ୍ର ଓ ବ୍ଲକସଭାପତି ସୁନ୍ଦନି ରଇତ ପରିଚାଳନା କରିଥିଲେ । ବୈଠକରେ କର୍ମୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଅବସର ବୟସସୀମା ବୃଦ୍ଧି କରିବା ସହ ଦରମା ପ୍ରଦାନରେ ଅବହେଳା ଓ ସିଡିପିଓଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରିଛନ୍ତି । କ୍ୱାର୍ଟର ଲିଭିଙ୍ଗ ଅର୍ଥ ପ୍ରଦାନରେ ଏବଂ ରନ୍ଧା ଖାଦ୍ୟ ଅର୍ଥ ପ୍ରଦାନରେ ବାରମ୍ବାର କାର୍ଯ୍ୟାଳୟ ତରଫରୁ କାଣ୍ଟଛାଟ କରାଯାଉଥିବା ସଭ୍ୟାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଥିସହ ତୁରନ୍ତ ଏହାର ସମାଧାନ ଦିଗରେ ଏକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଦାବି କରିଥିଲେ । ବର୍ତ୍ତମାନ ସନ୍ନ୍ୟାସୀପୁର କେନ୍ଦ୍ରରେ କର୍ମୀ ନିୟୋଜିତ କରା ନ ଯାଇ ଉକ୍ତ କେନ୍ଦ୍ରକୁ ବାଗଶଳା କର୍ମୀଙ୍କ ଦ୍ୱାରା ପରିଚାଳିତ କରାଯାଉଛି । ତେଣୁ ତୁରନ୍ତ ସନ୍ନ୍ୟାସୀପୁର କେନ୍ଦ୍ରରେ କର୍ମୀ ନିୟୋଜିତ କରିବାକୁ ସଂଘ ତରଫରୁ ଦାବି କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଆଗାମୀ ଦିନରେ ଏକ ୧୫ ଜଣିଆ କମିଟି ନିମ୍ନବ୍ୟକ୍ତିଙ୍କୁ ନେଇ ଯଥା ବାସନ୍ତି ଛିଞ୍ଚାଣି, ସତ୍ୟଭାମା ମହାରଣା, ନର୍ମଦା ପଟ୍ଟନାୟକ, ପ୍ରଭାବତି ଦେଇ, ସନ୍ଧ୍ୟାରାଣୀ ଦାସ, ବି.ଉଷାରାଣୀ, ସ୍ନେହଲତା ନାୟକ, ପୁଷ୍ପାଞ୍ଜଳି ଦେଇ, ରତ୍ନମାଳା ମହାନ୍ତି, କନକ ଦୁର୍ଗା, ମାଧବୀଲତା ନାୟକ, ପଦ୍ମାବତୀ ପଡିଆରି, କଲ୍ୟାଣୀବାଳା ପରିଛା ଏବଂ ଉପଦେଷ୍ଟା ପ୍ରଦୀପ କୁମାର ଦାସଙ୍କ ନେତୃତ୍ୱରେ ସିଡିପିଓ ଗୁଣପୁର ତଥା ଉପଜିଲାପାଳଙ୍କୁ ଭେଟି କର୍ମୀମାନଙ୍କ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି ।



ବୈଠକରେ ଯୋଗ ଦେଇଥିବା ଅଙ୍ଗନୱାଡି କର୍ମୀ ସଂଘର କର୍ମକର୍ତ୍ତା ।

## ସଂକ୍ଷେପରେ




### ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ପାପଡାହାଣ୍ଡି, ୨୫।୮ (ଡି.ଏନ.ଏ):** ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ନାକଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପୂଜାରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ରବି ନାରାୟଣ ସାହୁ ଏବଂ ସିଆରସିସି ଚନ୍ଦ୍ରଶେଖର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ପୂଜାରୀ ୨୦୧୦ ମସିହାରୁ ଏହି ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ । ତାଙ୍କର ଶିକ୍ଷକତା ଓ ଆଦର୍ଶ ଚିନ୍ତାଧାରାକୁ ନେଇ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମନୋଜ କୁମାର ମାଝୀ, ଦିଲ୍ଲୀପ ସ୍ୱାଇଁ, ଦିପ୍ତୀରଞ୍ଜନ ସାହୁ ପ୍ରମୁଖ ଶିକ୍ଷକ ସହଯୋଗ କରିଥିଲେ। ନାକଟିଗୁଡା କ୍ଲଷ୍ଟର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ ।

### ଜେଟ୍‌ଲୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା




**ଉମରକୋଟ, ୨୫।୮ (ଡି.ଏନ.ଏ):** ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲିଙ୍କ ବିୟୋଗରେ ଉମରକୋଟ ଭାଜପା କାର୍ଯ୍ୟାଳୟରେ ରବିବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ଜିଲା ସଭାପତି ଗୋବିନ୍ଦ ଜୈନ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରମେଶ ସାହୁ, ଜିଲା ସମ୍ପାଦକ ଅଶୋକ ପାଢୀ, ନଗର ସଭାପତି ଦେବୁ କୁମାର ଦାସ, ସୁରେଶ ଆଚାର୍ଯ୍ୟ, ଜିଲା ସଭାନେତ୍ରୀ ପ୍ରବୀଣା କଲାର ଯୋଗ ଦେଇଥିଲେ। ଜେଟଲିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ତାଙ୍କର ଜୀବନ ଶୈଳି ଉପରେ ସ୍ମୃତିଚାରଣ କରିଥିଲେ। ଗୋଟିଏ ଦେଶ ଗୋଟିଏ ଟିକସ ବ୍ୟବସ୍ଥା ପ୍ରଚଳନ କରିବା ସମେତ ଆର୍ଥିକ ନୀତିରେ ଏକାଧିକ ସଂସ୍କାର ଆଣିବାରେ ତାଙ୍କର ପ୍ରମୁଖ ଅବଦାନ ରହିଥିଲା ବୋଲି କହିଥିଲେ। ଏଥିରେ ଆଇନଜୀବୀ ରାମ ନାୟକ, କାଳୁ ପଣ୍ଡା, ସଦା ନାୟକ, ସନତ ଠାକୁର, ପ୍ରଭାତ ନାୟକ, ଭବାନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ନୂତନ ଆଇଆଇସିଙ୍କ ଯୋଗଦାନ



**ପାପଡାହାଣ୍ଡି, ୨୫।୮ (ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନାରେ ନୂତନ ଆଇଆଇସି ଭାବେ ଲିମରାଜ ପ୍ରଧାନ ରବିବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଥାନା କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏଥି ପୂର୍ବରୁ ସେ କଳାହାଣ୍ଡି ଜିଲାରେ କାର୍ଯ୍ୟରତ ଥିଲେ। ସେଠାରୁ ପ୍ରମୋଶନ ପରେ ଜଲା କାର୍ଯ୍ୟାଳୟରେ ଓ ପରେ ପାପଡାହାଣ୍ଡି ଥାନାରେ ଦାୟିତ୍ୱ ନେଇଥିଲେ।

### ଜେଟ୍‌ଲୀଙ୍କ ବିୟୋଗରେ ଶୋକସଭା

**ଚନ୍ଦାହାଣ୍ଡି, ୨୫।୮ (ଡି.ଏନ.ଏ):** ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ବିୟୋଗରେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିରେ ଭାଜପା ପକ୍ଷରୁ ଏକ ଶୋଭସଭା ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଭାଜପା ଜିଲା ସଭାପତି ଗୋବିନ୍ଦ କୁମାର ଜୈନ, ମଣ୍ଡଳ ପ୍ରଭାରୀ ମନଧର ଧୁରୁଆ, ମଣ୍ଡଳ ସଭାପତି ପ୍ରତାପ ବାଘ, ଡମ୍ବରୁ ମାଝି, ଗଗନେଶ୍ୱର ମାଝି, ବିଭୁଦତ୍ତ ଦଳେଇ, ମୁକେଶ ସାହୁ, ରମେଶ ସାହୁ, ଭଜନ ମାଝି, କପିଳ ମାଝି, ମିଥୁନ ମଣ୍ଡଳ ପ୍ରମୁଖ ଯୋଗ ଦେଇ ଜେଟଲିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ।

■ ଏଲିମେଣ୍ଟାରୀ ଟ୍ରେନ୍‌ଡ୍ ଗ୍ରାଜୁଏଟ ଶିକ୍ଷକ ସଂଘ କାର୍ଯ୍ୟକାରିଣୀ ବୈଠକ, କର୍ମକର୍ତ୍ତା ଚୟନ

# ଶିକ୍ଷକଙ୍କ ମାନହାନି ବରଦାସ୍ତ କରାଯିବ ନାହିଁ

**ନବରଙ୍ଗପୁର, ୨୫।୮ (ବି.ପ୍ର.)**

■ ରାଜ୍ୟ ସରକାରଙ୍କ ଡିପ୍ଲୋମା ସହ ଡିଗ୍ରୀ ଶିକ୍ଷକଙ୍କ ଯୋଗ୍ୟତା ସମାନ ନିଷ୍ପତ୍ତିକୁ ବିରୋଧ
■ ସପ୍ତମ ବେତନ ଅନୁଯାୟୀ ଶିକ୍ଷକଙ୍କ ବକେୟା ପ୍ରଦାନ
■ ହାଇସ୍କୁଲରେ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ଉଚ୍ଛେଦ



ବୈଠକରେ ମଞ୍ଚାସୀନ ଅତିଥି।

ନବରଙ୍ଗପୁର ଗୁଣ୍ଡିଚା ମନ୍ଦିର ପରିସରରେ ଓଡିଶା ଏଲିମେଣ୍ଟାରୀ ଟ୍ରେନ୍‌ଡ ଗ୍ରାଜୁଏଟ ଶିକ୍ଷକ ସଂଘର ଏକ କାର୍ଯ୍ୟକାରିଣୀ ବୈଠକ ସଭାପତି ଇନ୍ଦ୍ରଜିତ ମହାନ୍ତ୍ରଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ସବୁ ବର୍ଗର ବିଇଡି ଶିକ୍ଷକଙ୍କ ସହ ରାଜ୍ୟ ସଂଘ ସଭାପତି ଲକ୍ଷ୍ମଣ କୁମାର ମହାନ୍ତି, ମିଡିଆ ସେଲ ଅଧ୍ୟକ୍ଷ ସଚିକାନ୍ତ ମିଶ୍ର, ରାଜ୍ୟ ସଙ୍ଗଠନ ସମ୍ପାଦକ ବଳରାମ ପତି, ଜିଲା ସଭାପତି ପଞ୍ଚାନନ ସାହୁ, ବିଇଡି ଶିକ୍ଷକ ସଂଘ ପ୍ରତିଷ୍ଠାତା ଶଙ୍କର ପ୍ରସାଦ ପଟ୍ଟନାୟକ ଯୋଗ ଦେଇଥିଲେ। ୨୦୧୯ ମାର୍ଚ୍ଚ ୮ରେ ଡିପ୍ଲୋମା ସହ ଡିଗ୍ରୀ ଶିକ୍ଷକଙ୍କ ଯୋଗ୍ୟତା ସମାନ କରିଛନ୍ତି। ଏହା ସବୁ ବର୍ଗର ଶିକ୍ଷକଙ୍କୁ କ୍ଷତି ପହଞ୍ଚାଇବ ବୋଲି ସଂଘର ଜିଲା ସମ୍ପାଦକ ସର୍ବେଶ୍ୱର ମଲ୍ଲିକ କହିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ବୈଠକରେ ନିନ୍ଦା କରାଯାଇଥିଲା। ପୂର୍ବରୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦବୀ ପାଇଁ ଯୋଗ୍ୟତା ବିଇଡି ଥିଲା। କିନ୍ତୁ ଏବେ ଏହାର ଶିକ୍ଷାଗତ ଯୋଗ୍ୟତାକୁ କମାଇ ଦିଆଯାଇଛି। କେତେକ ଶିକ୍ଷକ ସଙ୍ଗଠନ ସହ ହାତ ମିଳାଇ ରାଜ୍ୟ ସରକାର ନେଇଥିବା ଏହି ନିଷ୍ପତ୍ତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବ। ଏହାକୁ ଦୃଢ ବିରୋଧ କରାଯିବା ସହ ଖବରଦାତା, ବରିଷ୍ଠନାଗରିକ, ଶିକ୍ଷା ସହ ସମ୍ପୃକ୍ତ ସମସ୍ତ ନାଗରିକ ଓ ଅଭିଭାବକଙ୍କୁ ସଚେତନ କରିବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଉଚ୍ଚ ଯୋଗ୍ୟତାସମ୍ପନ୍ନ ଶିକ୍ଷକଙ୍କ ମାନହାନି ବରଦାସ୍ତ କରାଯିବନାହିଁ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଜିଲାର ସମସ୍ତ ବର୍ଗର ଶିକ୍ଷକଙ୍କ ସ୍ୱାର୍ଥ ପାଇଁ ଜିଲା ବିଇଡି ଶିକ୍ଷକ ସଂଘ କାର୍ଯ୍ୟ କରିବା ପାଇଁ ବଦ୍ଧପରିକର ବୋଲି ଅତିଥିମାନେ କହିଥିଲେ। ଏଥିସହ ରାଜ୍ୟ ସରକାର ସପ୍ତମ ବେତନ ଅନୁଯାୟୀ ୬୦ ପ୍ରତିଶତ ବକେୟା, ମହଙ୍ଗାଭତ୍ତା, ଘରଭଡା ପ୍ରଦାନ, ଉଚ୍ଚ ବିଦ୍ୟାଳୟରେ କେବଳ ବିଇଡି ଶିକ୍ଷକ ନିଯୁକ୍ତି, ହାଇସ୍କୁଲରେ ପ୍ରାଥମିକ ବିଦ୍ୟାଳୟର ମିଶ୍ରଣ ଉଚ୍ଛେଦ, ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦବୀ ପୂରଣ ଦାବି କରାଯାଇଥିଲା।

ଶେଷରେ ନବରଙ୍ଗପୁର ଜିଲାର ଶିକ୍ଷକ ସଂଘ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ନବରଙ୍ଗପୁର ଜିଲା ସଙ୍ଗଠନର ସଭାପତି ଭାବେ ଗୋରାଚାନ୍ଦ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ପଞ୍ଚାନନ ସାହୁ, ଉପସଭାପତି ପି. ସୁଶିଳା ଓ ଦିବାକର ପରିଡାଙ୍କୁ ମନୋନୀତ କରାଯାଇଛି। ସର୍ବେଶ୍ୱର ମଲ୍ଲିକ ସମ୍ପାଦକ, ପ୍ରଭାତୀ ଦେବନାଥ ଓ ରବିକାନ୍ତ ରଘୁରାମ ଯୁଗ୍ମ ସମ୍ପାଦକ, କୃପାସିନ୍ଧୁ ପାତ୍ର ସଙ୍ଗଠନ ସମ୍ପାଦକ, ସନ୍ତୋଷ କୁମାର ପଟ୍ଟନାୟକ ଏବଂ ବି. ଦୁର୍ଗା ମିଡିଆ ସେଲ ସମ୍ପାଦକଭାବେ ମନୋନୀତ ହୋଇଥିଲେ। ଏହି ସଭାରେ ବରିଷ୍ଠ ଶିକ୍ଷକ ଗୋରାଚାନ୍ଦ ମିଶ୍ର, ସନ୍ତୋଷ କୁମାର ପଟ୍ଟନାୟକ, ଶିବ ପ୍ରସାଦ ଶତପଥୀ, ନଳିନୀ ସାହୁ, ଶରତ କୁମାର ରଥ, ଶାନ୍ତିଲତା ମହାପାତ୍ରଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ । ସର୍ବେଶ୍ୱର ମଲ୍ଲିକ ଧନ୍ୟବାଦ ଦେଇଥିଲେ।



ମଞ୍ଚାସୀନ ଅତିଥିମାନେ।

## ଭଗବାନ୍ ଶ୍ରୀକୃଷ୍ଣ ବିଶ୍ୱର ସର୍ବୋତ୍ତମ ରାଜଦୂତ

**ନବରଙ୍ଗପୁର, ୨୫।୮ (ବି.ପ୍ର.)**

ଭଗବାନ୍ ଶ୍ରୀକୃଷ୍ଣ ବିଶ୍ୱର ସର୍ବୋତ୍ତମ ରାଜଦୂତ। ସ୍ଥାନୀୟ କୁଞ୍ଜବିହାରୀ ପାଠାଗାରରେ 'ମହାଭାରତୀୟ ସଂସ୍କୃତିକୁ ଭଗବାନ୍ ଶ୍ରୀକୃଷ୍ଣଙ୍କ ସାର୍ବଭୌମ ଅବଦାନ' ଶୀର୍ଷକ ମାସିକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର କହିଛନ୍ତି। ଅର୍ଜୁନଙ୍କ ଭଳି ପ୍ରାର୍ଥନା କଲେ ଭଗବାନ ଭକ୍ତଙ୍କ ପାଇଁ ବିଜୟ ଆଣିପାରନ୍ତି ବୋଲି ଅନ୍ୟତମ ଆଲୋଚକ ଭାବେ ବେଦବିତ୍ ସରୋଜ କୁମାର ତ୍ରିପାଠୀ କହିଥିଲେ। ଅନ୍ୟତମ ଆଲୋଚକ ଭାବେ ଇଂ ସର୍ବେଶ୍ୱର ତ୍ରିପାଠୀ ଉପସ୍ଥିତ ଥିଲେ। ହୋଟେଲ ତୃପ୍ତି ସଭାକକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଠାଗାରର ସଭାପତି ନାରାୟଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଆତ୍ମାର ଜନ୍ମ ମରଣ ନାହିଁ । ଏହା ଅଜନ୍ମା, ଅବିନାଶୀ, ନିତ୍ୟ ଓ ସନାତନ ବୋଲି ସେ କହିଥିଲେ। ଉତ୍ସବ ପ୍ରାରମ୍ଭରେ ସଂସ୍କୃତ ଅଧ୍ୟାପକ ଧୋଲେଶ୍ୱର ପଣ୍ଡା ବେଦପାଠ କରିଥିଲେ। ବ୍ୟଙ୍ଗ କବି ପର୍ଶୁରାମ ସାହୁଙ୍କ ସଂଯୋଜନାରେ ପ୍ରଫୁଲ୍ଲ କୁମାର ପୁହାଣ, ହରିହର ନାୟକ, ତୁଳସୀରାମ ମାଝି, ହେମଲତା ମାଝି, ଭାରତୀ ବିଷୋୟୀ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବର୍ଷୀୟାନ ସମ୍ପାଦକ ଗୋପବନ୍ଧୁ ବିଷୋୟୀ. ଡ.ରାଧାନାଥ ବେହେରା, ସଦାଶିବ ପ୍ରହରାଜ, ଅଧ୍ୟାପକ ସୁରେନ୍ଦ୍ର ବିଷୋୟୀଙ୍କ ସମେତ କବି, ସାହିତ୍ୟିକ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଖବରଦାତା ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ କୁମୁଦ ଚନ୍ଦ୍ର ପଟ୍ଟନାୟକ, ତ୍ରିବିକ୍ରମା ନନ୍ଦ ଓ ଦାଶରଥି ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାଠାଗାର ସଙ୍ଗଠନ ସମ୍ପାଦକ ଦେବାଶିଷ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ କାର୍ଯ୍ୟକାରିଣୀ ବୈଠକ


ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତାମାନେ।

**ନବରଙ୍ଗପୁର/ଡାବୁଗାଁ, ୨୫।୮ (ବି.ପ୍ର./ଡି.ଏନ୍.ଏ.)**

ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ନବରଙ୍ଗପୁର ଜିଲା ସଂଘର ଏକ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଏ.ଡି. ପ୍ରସାଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲାର ୧୦ ବ୍ଲକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଂଘର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ଉପରେ ବୈଠକରେ ଆଲୋଚନା ହୋଇଥିଲା। ପ୍ରଶାସନ ଦ୍ୱାରା ଜିଲାରେ ବିଭିନ୍ନ ସରକାରୀ କାର୍ଯ୍ୟ ସମ୍ପାଦନରେ ବହୁ ଚାପ ସୃଷ୍ଟି କରାଯାଉଥିବା ଉପରେ ଆଲୋଚନା ହୋଇଥିଲା। ଛୁଟି ଦିନରେ ମଧ୍ୟ ସରକାରୀ କାର୍ଯ୍ୟ କରିବାକୁ ବାଧ୍ୟ କରାଯାଉଛି। ରାଜ୍ୟ ସରକାରଙ୍କ ଦ୍ୱାରା ଜବ୍ ଚାର୍ଟ ପ୍ରକାଶିତ ହୋଇଛି। ଏହି ନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ପଡିବ। ଗ୍ରାମୀଣ ଆବାସ ଗୃହ, ପାଇଖାନା ନିର୍ମାଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ବର୍ଷା ଜଳ ସଂରକ୍ଷଣ ଆଦି କାର୍ଯ୍ୟ ଶେଷ କରିବାକୁ ସମୟ ଦିଆଯାଉ ନାହିଁ ଓ ଜଲ୍‌ଦି କାମ ଶେଷ ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ଦ୍ୱାରା ଧମକ ମିଳୁଛି। ଗ୍ରାମୀଣ ଆବାସ ନିର୍ମାଣ କାର୍ଯ୍ୟର ମନ୍ଥରତା ପାଇଁ ଦୁଇଜଣ ନିର୍ବାହୀ ଅଧିକାରୀଙ୍କ ବାର୍ଷିକ ଇନ୍‌କ୍ରିମେଣ୍ଟ ବନ୍ଦ କରାଯାଇଛି। ପ୍ରଶାସନର ଏହି ପେଟମାରଣ ନୀତିକୁ ବିରୋଧରେ ସଂଘ ଘୋର ନିନ୍ଦା ପ୍ରସ୍ତାବ ଆଗତ କରିଥିଲା। ଏହି ପରିପ୍ରେକ୍ଷୀରେ ଏକ ସ୍ମାରକ ପାତ୍ର ଜିଲାପାଳଙ୍କୁ ପ୍ରଦାନ କରିବାକୁ ବୈଠକରେ ସ୍ଥିର ହୋଇଛି। ଜିଲା ପ୍ରଶାସନର ଯଦି ଏହିଭଳି କଡା ଆଭିମୁଖ୍ୟ ରୁହେ, ତେବେ ଆଗାମୀ ଦିନରେ ସଂଘ ଆନ୍ଦୋଳନ କରିବାକୁ ପଛାଇବ ନାହିଁ ବୋଲି ସଭାପତି କହିଛନ୍ତି। କାର୍ଯ୍ୟକ୍ରମକୁ ଜିଲା ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ନାୟକ ପରିଚାଳନା କରିଥିଲେ । ଉପସଭାପତି ଉତ୍କଳ ଭତ୍ରା ଧନ୍ୟବାଦ ଦେଇଥିଲେ।

## ମ୍ୟାଲେରିଆ ନିରାକରଣ ପାଇଁ ସଚେତନତା

**ଚନ୍ଦାହାଣ୍ଡି, ୨୫।୮ (ଡି.ଏନ.ଏ.)**

ଚନ୍ଦାହାଣ୍ଡି ବ୍ଲକରେ ମ୍ୟାଲେରିଆ ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ. ବିଜୟଲକ୍ଷ୍ମୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବ୍ଲକର ସମସ୍ତ ଆଶ୍ରମ ବିଦ୍ୟାଳୟ ଏବଂ ହଷ୍ଟେଲ ଅନ୍ତେବାସୀ, ୨୩ଟି ବିଦ୍ୟାଳୟର ୨,୫୮୪ଜଣ ଛାତ୍ରୀଛାତ୍ରଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ମାତ୍ର ୭ଜଣ ଛାତ୍ରୀଛାତ୍ର ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ରକ୍ତ ପରୀକ୍ଷାରୁ ଜଣାପଡିବା ପରେ ଔଷଧ ଦେଇ ପ୍ରତିକାର ବ୍ୟବସ୍ଥା କରାଯାଇଛି । ଏହି ସମସ୍ତ ବିଦ୍ୟାଳୟରେ ମ୍ୟାଲେରିଆ, ଝାଡାବାନ୍ତି, ଡେଙ୍ଗୁ ନିରାକରଣ ପାଇଁ ଏମଏଚ୍‌ୟୁ ଡାକ୍ତର ବସନ୍ତ କୁମାର ଷଡଙ୍ଗୀ ସଚେତନତା କାର୍ଯ୍ୟକ୍ରମ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜିଲା ମ୍ୟାଲେରିଆ ନିରାକରଣ ଅଧିକାରୀ ଡ. ଅରୁଣ କୁମାର ଦାଶ, ଭେକ୍ଟରବାହିତ ରୋଗ ନିରାକରଣ ପରାମର୍ଶଦାତା ଦିନେଶ ପ୍ରହରାଜ ତଦାରଖ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଗୌରୀଶଙ୍କର ବେଶ୍ରା, ବିପିଓ ସୁଦିପ୍ତ ରଞ୍ଜନ ରାଉତ, ରାଷ୍ଟ୍ରୀୟ ବାଳସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଫାର୍ମାସିଷ୍ଟ ଅମରେଶ ଖମାରୀ, ଶିବାନୀ ଖମାରୀ, ରମେଶ ଦାଶ, ମହିଳା ସ୍ୱାସ୍ଥ୍ୟକର୍ମୀ ଗୋମତି ଜଗତ, କୁନି ଜଗତ, ବାଳଗୋବିନ୍ଦ ମାଝି ପ୍ରମୁଖ ସଚେତନତା କାର୍ଯ୍ୟକ୍ରମ କରିଥିଲେ ।

## ସଙ୍କୁଳସ୍ତରୀୟ ବିଜ୍ଞାନ ମେଳା


ଛାତ୍ରୀଛାତ୍ର ତାଙ୍କ ପ୍ରକଳ୍ପ ପ୍ରଦର୍ଶିତ କରୁଛନ୍ତି।

**ତେନ୍ତୁଲିଖୁଣ୍ଟି, ୨୫।୮ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡ଼ା ସରସ୍ୱତୀ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ବିଜ୍ଞାନ ମେଳା ସମ୍ପନ୍ନ ହୋଇଛି। ସମ୍ପାଦକ ବିମଳ ବେହେରା ଓ ଯୁଗ୍ମ ସମ୍ପାଦକ ନରସିଂହ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାକୁ ଏବିଇଓ ମୋହନ ମଧୁସୂଦନ ବାଘ ଉଦ୍‌ଘାଟନ କରିଥିଲେ। ସଙ୍କୁଳ ସଂଯୋଜକ ହୃଷୀକେଶ ଦାଶ, ସଙ୍କୁଳ ପ୍ରମୁଖ ହରେକୃଷ୍ଣ, ପ୍ରଧାନ ଆଚାର୍ଯ୍ୟ ରାଧାକୃଷ୍ଣ ବିଶୋୟୀ, ଯୁଧିଷ୍ଠିର ହରିଜନ, ପାପଡାହାଣ୍ଡି ଓ କୋଷାଗୁମୁଡା ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟଙ୍କ ସମେତ ୭ ଶିଶୁ ମନ୍ଦିର ଗୁରୁମା ଗୁରୁଜୀ ଉପସ୍ଥିତ ଥିଲେ। ବିଜ୍ଞାନ ମେଳାରେ ୬୪ ପ୍ରକଳ୍ପ ସ୍ଥାନ ପାଇଥିଲା। ଏଥବରେ ବାଲ୍, କିଶୋର ଓ ଶିଶୁ ବିଭାଗ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବୃତ୍ତି ଛାଡି ରାଜନୀତିରେ ମାତୁଛନ୍ତି ଶିକ୍ଷକ

**ଚନ୍ଦାହାଣ୍ଡି, ୨୫।୮ (ଡି.ଏନ.ଏ.)**

ଶିକ୍ଷାଦାନ ବଦଳରେ ରାଜନୀତିରେ ସକ୍ରିୟ ରହୁଛନ୍ତି ଶିକ୍ଷକ । ବିଦ୍ୟାଳୟକୁ ଯିବା ବଦଳରେ ଖୁଲମଖୁଲା ରାଜନୀତିରେ ମାତୁଛନ୍ତି । ଏଭଳି ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ତାଗିଦ କରି ଚୁପ୍ ବସୁଛି ଶିକ୍ଷା ବିଭାଗ । ଚନ୍ଦାହାଣ୍ଡି ବ୍ଲକର ଜନୈକ ଶିକ୍ଷକ ପିଲାମାନଙ୍କୁ ଶିକ୍ଷାଦାନ କରିବା ବଦଳରେ ରାଜନୈତିକ କାର୍ଯ୍ୟରେ ଉପସ୍ଥିତ ରହୁଥିବା ଅଭିଯୋଗ ହେଉଛି। ପୂର୍ବରୁ ଏଭଳି ଏକ ଅଭିଯୋଗ ହେବାରୁ ସମ୍ପୃକ୍ତ ଶିକ୍ଷକଙ୍କୁ ଶିକ୍ଷା ଅଧିକାରୀ କୈଫିୟତ ତଲବ କରିଥିଲେ । ତେବେ କେବଳ କୈଫିୟତ ତଲବ ପତ୍ରରେ ଏହା ସୀମିତ ରହିଥିଲା। କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଅନ୍ୟପକ୍ଷରେ ଶିକ୍ଷକ କିନ୍ତୁ ନିଜ ବୃତ୍ତି ଅପେକ୍ଷା ବିଭିନ୍ନ ରାଜନୀତି କାର୍ଯ୍ୟକ୍ରମରେ ସକ୍ରିୟ ରହିଥିଲେ। ରବିବାର ଚନ୍ଦାହାଣ୍ଡି ବ୍ଲକ ସଭାଗୃହରେ ପେନସନ ଓ କାର୍ଯ୍ୟାଦେଶ ବଣ୍ଟନ ବେଳେ ମଞ୍ଚ ଉପରେ ଲୋକପ୍ରତିନିଧିଙ୍କ ସହ ସମ୍ପୃକ୍ତ ଶିକ୍ଷକଙ୍କୁ ଦେଖିବାକୁ ମିଳିଥିଲା । ଜିଲା ପ୍ରାଥମିକ ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟରେ ଜନୈକ ଅଧିକାରୀଙ୍କ କହିବା ଅନୁଯାୟୀ ଏହା ସତ୍ୟ ହୋଇଥିଲେ ଦୃଢ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ।

## ଗାଁ ସଫେଇ କଲେ ପୋଲିସ

**କୋଡିଙ୍ଗା, ୨୫।୮ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା କୋଡିଙ୍ଗା ଥାନାଧିକାରୀ ଦିଲ୍ଲୀପ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ଗ୍ରାମ ସଫେଇ କରିଛନ୍ତି। ରବିବାର ସକାଳୁ କର୍ମଚାରୀମାନେ ପ୍ରଥମେ ଥାନା ପରିସର ସଫା କରିଥିଲେ। ପରେ ହନୁମାନ ମନ୍ଦିର, ମୁଖ୍ୟ ରାସ୍ତା ଦୁଇକଡ଼ରେ ଥିବା ଅନାବନା ଗଛ କାଟି ସଫା କରିଥିଲେ। ପୋଲିସ କର୍ମଚାରୀଙ୍କ ଏତାଦୃଶ କାମ ଦେଖି ସ୍ଥାନୀୟ ଅଞ୍ଚଳ କିଛି ଯୁବକ ତାଙ୍କୁ ସହଯୋଗ କରିଥିଲେ। ଘର ଚାରିପଟ ସଫା ରଖିବାକୁ ଥାନାଧିକାରୀ କହିଥିଲେ। ଥାନାଧିକାରୀଙ୍କ ସହିତ ଏସ୍‌ଆଇ ଗଗନେଶ୍ୱର ମାଝି ଉପସ୍ଥିତ ଥିଲେ।


ପୋଲିସ କର୍ମଚାରୀମାନେ ରାସ୍ତା ସଫେଇ କରୁଛନ୍ତି।

## ଏନ୍‌ଏସ୍‌ଏସ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**ଗୁଣପୁର, ୨୫।୮ (ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଏନଏସଏସ ୟୁନିଟ ପକ୍ଷରୁ ରବିବାର ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏନଏସଏସର ପୋଷ୍ୟ ଗ୍ରାମ ନରସିଂହମୁଣ୍ଡାକୁ ଯାଇ ସ୍ୱେଚ୍ଛାସେବୀମାନେ ସଫେଇ କରିଥିଲେ । ସେହିପରି ସ୍ୱନ୍ଦନ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମବାସୀଙ୍କୁ ବସ୍ତ୍ରବଣ୍ଟନ କାରଯାଇଥିଲା ।। ଏଥିରେ ରେଗେଡା ପଞ୍ଚାୟତ ସମିତିସଭ୍ୟ ବାଳି ଗମାଙ୍ଗ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ । ଏନଏସଏସର ସଂଯୋଜକ ଡ.ପ୍ରେମାଂଶୁ ଶେଖର ରଥ, ଭି.ଗଣେଷ ପ୍ରମୁଖ ପରିଚଳନାରେ ସହଯୋଗ କରିଥିଲେ ।


ଛାତ୍ରୀଛାତ୍ରମାନେ ସଫେଇ କରୁଛନ୍ତି।

## ହିତାଧିକାରୀଙ୍କୁ ପକ୍କାଘର କାର୍ଯ୍ୟାଦେଶ, ଭତ୍ତା ବଣ୍ଟନ

**ଚନ୍ଦାହାଣ୍ଡି, ୨୫।୮ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ପକ୍କାଘର କାର୍ଯ୍ୟାଦେଶ ଏବଂ ଭତ୍ତା ବଣ୍ଟନ କରାଯାଇଛି। ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଉପସ୍ଥିତ ଥିଲେ। ଅନ୍ୟତମ ଅତିଥିଭାବେ ଝରିଗାଁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ମାଝି, ଜିଲା ପରିଷଦ ସଭ୍ୟ ସମିନ୍ଦ୍ର ଶୋରୀ, ଉପାଧ୍ୟକ୍ଷା ସୁଭଦ୍ରା ସିହ୍ନା, ଜିଲା ପରିଷଦ ସଭ୍ୟ ଶ୍ୟାମ ମାଝି ଯୋଗେ ଦେଇଥିଲେ। କାର୍ଯ୍ୟକ୍ରମରେ ୧୮୧୭ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର କାର୍ଯ୍ୟାଦେଶ, ୩୮୧ଜଣଙ୍କୁ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତ୍ତାର ପ୍ରଥମ କିସ୍ତି ଏବଂ ୯୩ଜଣଙ୍କୁ ଏମଜିଏନଆରଇଜିଏସ୍‌ରେ ଗୁହାଳ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସହ କାଳିଆ ଟଙ୍କା ଖୁବ ଶୀଘ୍ର ମିଳିବ ବୋଲି ଏମ୍‌ପି କହିଥିଲେ। ଆବାସ ଗୃହ କାର୍ଯ୍ୟଦେଶ ମିଳିବାର ଚାରି ମାସ ମଧ୍ୟରେ ଘର କାମ ସାରିଲେ ୨୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ଘରର ଆବର୍ଜନା ପକାଇବା ପାଇଁ କମ୍ପୋଷ୍ଟପିଡ ନିର୍ମାଣ କରିବାକୁ ସରକାରଙ୍କ ପକ୍ଷରୁ ୧୪ ହଜାର ଟଙ୍କା, ଶୌଚାଳୟ ନିର୍ମାଣ ପାଇଁ ୧୨ହଜାର ଟଙ୍କାର ଅନୁଦାନ ରାଶି ଦିଆଯାଉଛି ବୋଲି ବିଡିଓ ଦେବେନ୍ଦ୍ର ବଳ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଏପିଓ ଦେବେନ୍ଦ୍ର ବେହେରା, ଜୁନିୟର କ୍ଲର୍କ ଡୋମାର ମାଳି, କମ୍ପ୍ୟୁଟର ପ୍ରୋଗ୍ରାମର ସତ୍ୟ ଦଣ୍ଡସେନାଙ୍କ ସମେତ ସମସ୍ତ ୧୪ ପଞ୍ଚାୟତ ସରପଞ୍ଚ, ପିଇଓ, ଜିଆର୍‌ଏସ୍ ଉପସ୍ଥିତ ଥିଲେ।



ଏମ୍‌ପି ରମେଶ ଚନ୍ଦ୍ର ମାଝି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଉଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ

**ପାରଳାଖେମୁଣ୍ଡି,୨୫।୮ (ସ୍ୱ.ପ୍ର.) -** ଆଦର୍ଶ ଥାନା ଅନ୍ତର୍ଗତ ବାକିଟି ସାହିରେ ରବିବାର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଉକ୍ତ ଅଞ୍ଚଳର ପି.ଶ୍ରୀନୁ(୨୩)। ଘଟଣାରୁ ପ୍ରକାଶ ଯେ, ସେ ୱେଲ୍ଡିଂ କାମ କରିବା ସମୟରେ କୌଣସି କାରଣ ବସତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ଥାନା କେସ୍ ନଂ- ୧୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏସ୍‌ଆଇ ସୁନୀଲ ଦଳେଇ ସୂଚନା ଦେଇଛନ୍ତି।

### ନନ୍ଦୋତ୍ସବ ପାଳିତ

**ପାରଳାଖେମୁଣ୍ଡି,୨୫।୮(ସ୍ୱ.ପ୍ର.) -** ଗଜପତି ଜିଲା ଗୋଷାଣୀ ବ୍ଲକ୍ କେରାଣ୍ଡି ଗ୍ରାମସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଶନିବାର ଜନ୍ମାଷ୍ଟମୀ ଓ ରବିବାର ନନ୍ଦୋତ୍ସବ ଧୂମ୍‌ଧାମ୍‌ରେ ପାଳିତ ହୋଇଛି । ଏହି ଉପଲକ୍ଷେ ମନ୍ଦିର ପରିସରରେ ପୂର୍ବତନ ଅଧିବାସ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଠାରେ ୨୧ପ୍ରକାର ବ୍ୟଞ୍ଜନ ସହ ଅନ୍ନ ପ୍ରସାଦର ଆୟୋଜନ ହୋଇଥିଲା । ସଂକୀର୍ତ୍ତନ ମଣ୍ଡଳୀ ସହ ଭକ୍ତ ମାନେ ଏଥିରେ ଯୋଗ ଦେଇ ପ୍ରସାଦ ସେବନ କରି ଆନନ୍ଦ ଲାଭ କରିଥିଲେ। ମହିଳାମାନେ ଉଖୁଡ଼ା,ଉଖୁର ଓ ରାଶି ଲଡୁ ଆଦି ଶ୍ରୀ କୃଷ୍ଣଙ୍କୁ ଭୋଗ ଲଗାଇଥିଲେ । ସନ୍ଧ୍ୟାରେ ଭଗବାନଙ୍କୁ ସୁନ୍ଦର ବେଶରେ ସଜ୍ଜିତ କରି ଆଳତି ଏବଂ ରାତିରେ ପୂଜାର୍ଚ୍ଚନା ସହ ଶ୍ରୀ କୃଷ୍ଣଙ୍କ ଜନ୍ମ ଆଧାୟ ପଠନ କରାଯାଇଥିଲା। ଏଥିରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ମଠର ମହନ୍ତ ଦାମୋଦର ଦାସ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଯୁବତୀଙ୍କୁ ଅସଦାଚରଣ, ବ୍ୟବସାୟୀ ଗିରଫ

**ବ୍ରହ୍ମପୁର ଅଫିସ,୨୫।୮:** ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରି ବିଫଳ ହେବା ପରେ ବିଚ ରାସ୍ତାରେ ତାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଯୁବ ବ୍ୟବସାୟୀଙ୍କୁ ରବିବାର ଗିରଫ କରିଛି । ସେ ହେଲେ ପି. ସରୋଜ କୁମାର। ମାମଲା ନଂ.୧୭୧/୧୯ ଅନୁସାରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସରୋଜ ଉକ୍ତ ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ଭଲ ପାଉଥିଲେ। ରବିବାର ଯୁବତୀଙ୍କୁ ସରୋଜ ଟଣାଓଟରା କରିବା ସହ ରାସ୍ତାରେ ଅସଦାଚରଣ କରିଥିଲେ। ତେଣୁ ବାଧ ହୋଇ ସେ ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ସରୋଜଙ୍କୁ ଗିରଫ କରିଛି।

### ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ, ସ୍ୱାମୀ ଅଟକ

**ବୁଗୁଡ଼ା,୨୫।୮(ଡି.ଏନ.ଏ.):** ବୁଗୁଡ଼ା ଥାନା ବେତାରସିଙ୍ଗି ଗ୍ରାମରେ ଜଣେ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଇଥିବା ଶନିବାର ରାତିରେ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପ୍ରକାରେ ବୁଗୁଡ଼ା ପୋଲିସ ନଂ. ୧୬୯/୧୯ରେ ଏକ ମାମଲା ରୁଜୁ କରି ରବିବାର ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖିଛି। ପ୍ରକାଶ ଯେ, ୨ ବର୍ଷ ପୂର୍ବେ ଗାଙ୍ଗପୁର ଥାନା କଳାସୂତା ଗ୍ରାମର ନମିତା ଜେନାଙ୍କ ଉକ୍ତ ଗ୍ରାମରେ ବିବାହ ହୋଇଥିଲା। ବିବାହର ବର୍ଷେ ପରେ ଶାଶୁଘର ପକ୍ଷରୁ ନମିତାଙ୍କୁ ଅଧିକ ଯୌତୁକ ଆଣିବାକୁ ଦାବି କରି ଶାରୀରିକ ନିର୍ଯାତନା ଦିଆଯାଉଥିଲା। ତେଣୁ ନମିତା ସେତେବେଳେ ଶ୍ୱଶୁର ଘର ଛାଡ଼ି ବାପଘରକୁ ଚାଲିଯାଇଥିଲେ। ବର୍ତ୍ତମାନ ପ୍ରାୟ ଏକ ବର୍ଷ ହେଲା ସେ ବାପ ଘରେ ରହୁଛନ୍ତି। କିନ୍ତୁ କୌଣସି ପ୍ରକାର ସମାଧାନ ହୋଇପାରି ନ ଥିବାରୁ ନମିତା ଥାନାରେ ଅଭିଯୋଗ କରିଥିଲେ।

### କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଛତ୍ରପୁର,୨୫।୮(ଡି.ଏନ.ଏ.):** ଚମାଖଣ୍ଡି ଥାନା ଅଧିନ ଜଗନ୍ନାଥପୁର ବଡଦାଣ୍ଡ ସାହିରେ ଥିବା ଏକ ପରିତ୍ୟକ୍ତ କୂଅରୁ ରବିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସେହେଲେ ଜଗନ୍ନାଥପୁର ଗାଁର ଆର୍. ଲକ୍ଷ୍ମୀ ନାରାୟଣ ରେଡ୍ଡୀ। ୩ଦିନ ହେଲା ସେ ନିଖୋଜ ଥିଲେ। ରବିବାର କୂଅ ମଧ୍ୟରୁ ଦୁର୍ଗନ୍ଧ ବାହାରୁଥିବାରୁ ଗ୍ରାମବାସୀ ଥାନାକୁ ଜଣାଇଥିଲେ। ଚମାଖଣ୍ଡି ପୋଲିସ ପହଞ୍ଚି କୂଅରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲା।

■ ଅଖିଳ ଭାରତୀୟ ସନ୍ଥ ସମାଜର ଖବରଦାତା ସମ୍ମିଳନୀ

# ମହେନ୍ଦ୍ରଗିରି, ସୀତା ପାହାଡ଼ର ଉନ୍ନତୀକରଣ ଆବଶ୍ୟକ

**ପାରଳାଖେମୁଣ୍ଡି,୨୫।୮(ସ୍ୱ.ପ୍ର.)**


ସମ୍ମିଳନୀରେ ସନ୍ଥ ସମାଜ ଅଧ୍ୟକ୍ଷ ସ୍ୱାମୀ ଶଙ୍କରାନନ୍ଦଗିରି, ଶିଷ୍ୟ ଓ ଅନୁଗାମୀମାନେ।

ଓଡ଼ିଶାର ଐତିହାସିକ ପର୍ଯ୍ୟଟନସ୍ଥଳୀ ମାନଙ୍କ ମଧ୍ୟରେ ଗଜପତି ଜିଲାର ମହେନ୍ଦ୍ରଗିରି ଓ ସୀତା ପାହାଡ଼ ଅନ୍ତର୍ଭୁକ୍ତ। ତେବେ ଜିଲାର ବିରଳ ପର୍ଯ୍ୟଟନସ୍ଥଳୀ ଏବଂ ଅଞ୍ଚଳ ଅବହେଳିତ ହୋଇରହିଛି। ଏହାର ଉନ୍ନତିକରଣ ପାଇଁ ସରକାର କିମ୍ବା ଜିଲା ପ୍ରଶାସନ ପକ୍ଷରୁ ସେପରି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇପାରିନି। ଅଖିଳ ଭାରତୀୟ ସନ୍ଥ ସମାଜର ରାଜ୍ୟ ଅଧ୍ୟକ୍ଷ ସ୍ୱାମୀ ଶଙ୍କରାନନ୍ଦଗିରି ଗଜପତି ଜିଲା ଗସ୍ତରେ ଆସି ଏହି ପର୍ଯ୍ୟଟନସ୍ଥଳୀ ପରିଭ୍ରମଣ ଅବସରରେ ଏହି ଐତିହାସିକ ସ୍ଥଳୀ ଗୁଡ଼ିକ ଅବହେଳିତ ହୋଇ ରହିଥିବାନେଇ କ୍ଷୋଭ ପ୍ରକାଶ କରିବା ସହ ଏ ଗୁଡ଼ିକର ଉନ୍ନତି ହେବା ଆବଶ୍ୟକ ରହିଛି ବୋଲି ରବିବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏ ନେଇ ସରକାର ଏବଂ ଜିଲା ପ୍ରଶାସନ ଗୁରୁତ୍ୱ ଦିଅନ୍ତୁ ବୋଲି ଖବରଦାତାମାନଙ୍କ ଜରିଆରେ ସେ କହିଥିଲେ। ଏହାସହ ସେ ଗୋ–ସୁରକ୍ଷା, ଚୋରା ଗୋ ଚାଲାଣକୁ ରୋକିବା, ଧର୍ମାନ୍ତରୀକରଣକୁ ରୋକିବା, ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ଉପରେ ମଧ୍ୟ ଏଠାରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାମୀ ଭାସ୍କରତୀର୍ଥ (ଲକ୍ଷ୍ମୀବାବା), ଆନ୍ଧ୍ର ପ୍ରଦେଶର ମହାମନ୍ତ୍ରୀ ମହନ୍ତ ହରିହରଦାସ, ମହନ୍ତ ଯୋଶଦାନନ୍ଦନ ଦାସ, ମହନ୍ତ ରାମାନନ୍ଦ ଦାସ, ବ୍ରହ୍ମଚାରୀ ତେଜମୟ ସ୍ୱରୂପ, ସୁଦୂର ବିଦେଶରୁ ଆସିଥିବା ଶିଷ୍ୟ କାର୍ଲୋସ୍, ଅଲଗା, ଆନ୍ଦ୍ରିୟ, ଆଇନଜୀବୀ କୌଳାସ ଗୌଡ଼, ସମାଜସେବୀ ହରିମୋହନ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଷୋହଳଖଣ୍ଡ ଗୋପାଳ ସମାଜ ପକ୍ଷରୁ ଜନ୍ମାଷ୍ଟମୀ, ନନ୍ଦୋତ୍ସବ

**କାଶୀନଗର, ୨୫।୮ (ଡି.ଏନ.ଏ.)**

କାଶୀନଗର ବ୍ଲକ୍ ଖାଣ୍ଡବା ପଞ୍ଚାୟତର ବାଡ଼ିଗାଁ ଗ୍ରାମରେ ରବିବାର ଷୋହଳଖଣ୍ଡ ଗୋପାଳ ସମାଜ ପକ୍ଷରୁ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ ଗୋପାଳ ସମାଜର ଜିଲା ସଭାପତି ଖଦାଳ ଗୌଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କାଶୀନଗର ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତାଭାବେ ଅଧ୍ୟାପକ କିଶୋର ଚନ୍ଦ୍ର ଗୌଡ଼ ଯୋଗ ଦେଇ ଗୋପାଳ ସମାଜର ସଂସ୍କୃତି ଓ ଶ୍ରୀ କୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତ ସମ୍ପର୍କରେ ବୁଝାଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ରାୟଗଡ଼ା ଜିଲା ଗୁଣପୁର ଏନ୍‌ଏସିର ପୂର୍ବତନ ପୂର୍ବତନ ନଗରପାଳ ଶିବ ପ୍ରସାଦ ଗୌଡ଼ ଖବରଦାତା ହୃଷିକେଶ ଗୌଡ଼ ଯୋଗ ଦେଇଥିଲେ। ସମାଜର ସଭାପତି କୃଷ୍ଣ ଚନ୍ଦ୍ର ଦୋରା ସ୍ୱାଗତ ଭାଷଣ ରଖିଥିବାବେଳେ ଜିଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ଼ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଶିଶୁମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଗୋପାଳକ, ଦୁଗ୍ଧଚାଷୀ ଓ ଜାତିର ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା। ଏଥିରେ ଗଞ୍ଜାମ ଜିଲାର ବରିଷ୍ଠ ଗୌଡ଼ ଓ ଆନ୍ଧ୍ର ପ୍ରଦେଶର ବାତିଲି ମଣ୍ଡଳର ଗୌଡ଼ମାନେ ଯୋଗଦେଇ ଉତ୍ସବକୁ ସଫଳ କରିଥିଲେ। ନରସିଂହ ମହାଙ୍କୁଡ଼ ଧନ୍ୟବାଦ ଦେଇଥିଲେ।

# ବାଲ୍ ସାଧନା ଶିବିର


ଦହିହାଣ୍ଡି ଭାଙ୍ଗି ଶିଶୁମାନେ ଉତ୍ସବ ପାଳୁଛନ୍ତି।

**ପାରଳାଖେମୁଣ୍ଡି,୨୫।୮(ସ୍ୱ.ପ୍ର.)**

ସ୍ଥାନୀୟ ବାଲ୍‌ମୁକୁନ୍ଦ କେନ୍ଦ୍ର ପକ୍ଷରୁ ରବିବାର ବାଲ୍‌ସାଧନା ଶିବିର ଅନୁଷ୍ଠିତ ହୋଇଛି। ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ଉପଲକ୍ଷେ ଏଠାରେ ଦହିହାଣ୍ଡି ଭାଙ୍ଗି ଉତ୍ସବ ପାଳନ କରାଯାଇଥିଲା । ଏଥିପାଇଁ ରସିକରାଜ ମହାପ୍ରଭୁଙ୍କ ପୂଜକ ତଥା କେନ୍ଦ୍ରର ପୁରେଧା ହରେ ରାମକୃଷ୍ଣ ଚୌଧୁରୀଙ୍କ ପୌରହିତ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଠାରେ ୩ଦିନ ଧରି ଶ୍ରୀକୃଷ୍ଣଙ୍କ ବେଶ, ବକ୍ତୃତା ପ୍ରତିଯୋଗିତା, ଭକ୍ତି ସଂଗୀତ ସମାରୋହ, ସତ୍ୟନାରାୟଣ ଆପଟଙ୍କ ତତ୍ତ୍ୱାବଧାନରେ ଶିଶୁମାନଙ୍କ ଦହିହାଣ୍ଡି ଭାଙ୍ଗା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୌରାଣିକ କଥାକାର ଶଶୀଧର ଆଚାର୍ଯ୍ୟ, ସୂର୍ଯ୍ୟ ନାରାୟଣ ମିଶ୍ର ଯୋଗ ଦେଇ ଶ୍ରୀକୃଷ୍ଣଙ୍କ ବାଣୀ ଶୁଣାଇଥିଲେ। ଅନ୍ତିମ ଦିନରେ ଗଜପତି ଜିଲାର ପ୍ରସିଦ୍ଧ କ୍ରିକେଟ ଖେଳାଳି ତଥା ସମାଜସେବୀ ଚିତ୍ତରଞ୍ଜନ ଦାସ, ଷ୍ଟେଟ୍‌ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ମନମୋହନ ରାଜଗୁରୁ ଏବଂ ସତସଙ୍ଗୀ ସତ୍ୟ ନାରାୟଣ ମହାରଣା ଯୋଗ ଦେଇ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କେନ୍ଦ୍ରର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ, ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ଆଧାତ୍ମିକ ଗୁରୁ କୃପାଲୁଜୀ ମହାରାଜଙ୍କ ବାଣୀ ଶୁଣାଇଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ ଆଇନଜୀବୀ ଅରୁଣ ଜେଟଲୀ ଏବଂ ପାରଳାଖେମୁଣ୍ଡିର ବିଶିଷ୍ଟ ସମାଜସେବୀ ତଥା ସାହିତ୍ୟିକ ବନମାଳୀ ମହାପାତ୍ରଙ୍କ ବିୟୋଗରେ ଏକ ଶୋକସଭାର ଆୟୋଜନ କରାଯାଇଥିଲା।

## ସାହିତ୍ୟିକ ବନମାଳୀ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ପାରଳାଖେମୁଣ୍ଡି,୨୫।୮(ସ୍ୱ.ପ୍ର.)**

ସ୍ଥାନୀୟ ଉତ୍କଳ ହିତୈଷିଣୀ ପରିସରରେ ସାହିତ୍ୟକ ତଥା ସମାଜସେବୀ ବନମାଳୀ ମହାପାତ୍ରଙ୍କ ବିୟୋଗରେ ରବିବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳ ହିତୈଷିଣୀ ସମାଜ, ଓଡ଼ିଶା ସାହିତ୍ୟ ଏକାଡେମୀ ଗଜପତି ଶାଖା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଗଜପତି ଶାଖା ଏବଂ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ଯୋଗଦେଇଥିଲେ। ଅବିଭକ୍ତ ଗଞ୍ଜାମ ଜିଲାରେ ପ୍ରାଣୀଧନ କାର୍ଯ୍ୟାଳୟର ଫାର୍ମାସିଷ୍ଟଭାବେ କାର୍ଯ୍ୟକରି ଅବସର ନେବାପରେ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଉପସଭାପତି ଏବଂ ବହୁ ଅନୁଷ୍ଠାନ ସହ ନିଜକୁ ଜଡିତ ରଖି ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ସେବା କରିଥିଲେ । ସ୍ମୃତିସଭାରେ ଶିକ୍ଷାବିତ୍ ଗୌରଚନ୍ଦ୍ର ପଣ୍ଡା, ବିନୋଦ ଚନ୍ଦ୍ର ଜେନା, ବିଚିତ୍ରାନନ୍ଦ ବେବର୍ତ୍ତା, ମୀନକେତନ ଦାସ, ବଟକୃଷ୍ଣ ପାତ୍ର, ଅନାଦି ପାଣିଗ୍ରାହୀ, ଦୁର୍ଗା ପ୍ରସାଦ ପଟ୍ଟନାୟକ, ଘନଶ୍ୟାମ ଜେନା, ତ୍ରିପତି ପ୍ରସାଦ ପଣ୍ଡା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

■ ଆନ୍ତଃରାଜ୍ୟ ବିଶ୍ୱକର୍ମା ମହାରଣା କୁଳ ସମ୍ମିଳନୀ

# ସଙ୍ଗଠନ ସୁଦୃଢ଼ କରି କୌଳିକ ବୃତ୍ତି ରକ୍ଷା ପାଇଁ ଆହ୍ୱାନ

**ପାରଳାଖେମୁଣ୍ଡି,୨୫।୮(ସ୍ୱ.ପ୍ର.)**


ସମ୍ମିଳନୀରେ ବିଶ୍ୱକର୍ମା ମହାରଣା କୁଳର ସଦସ୍ୟମାନେ ।

ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱକର୍ମା ମହାରଣା କୁଳ ସେବା ସଂଘର ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏଥିରେ ପ୍ରଫୁଲ ମହାରଣା ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନକରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ପ୍ରଭାକର ମହାରଣା, ବିଜୟ ମହାରଣା ଯୋଗଦେଇଥିଲେ । ଏଠାରେ ବିଶ୍ୱନାଥ ମହାରଣାଙ୍କ ପ୍ରତି ତାଙ୍କ ପୁତ୍ର ଅଶୋକ ମହାରଣା ଶୋକପ୍ରସ୍ତାବ ଗୃହୀତ କରିଥିଲେ । କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସାହେବ ମହାରଣା ବିବରଣୀ ପାଠ ଓ ଆୟବ୍ୟୟ ଉପରେ ଆଲୋଚନା କରିଥିଲେ। ସେହିପରି ତାଲୁକା ସଭାପତି ପ୍ରଫୁଲ ମହାରଣା ସଙ୍ଗଠନକୁ ସୁଦୃଢକରି କିପରି ପ୍ରଶାସନ ଠାରୁ ସହାୟତା ପାଇବା ଏବଂ ନିଜ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଓ ଆନ୍ଧ୍ର କମିଟିର ସଭ୍ୟମାନଙ୍କୁ ଚୟନ କରାଯାଇଥିଲା । ଓଡ଼ିଶା କମିଟିର ସଭାପତିଭାବେ ସିମାଞ୍ଚଳ ମହାରଣାଙ୍କୁ ଚୟନ କରାଯାଇଥିବାବେଳେ ଉପସଭାପତି ଭାବେ ଗଦାଧର ମହାରଣା, ସାଧାରଣ ସମ୍ପାଦକଭାବେ ସାହେବ ମହାରଣାଙ୍କୁ ଚୟନ କରାଯାଇଛି। ସେହିପରି ଆନ୍ଧ୍ର କମିଟିର ସଭାପତି ଭାବେ ପ୍ରଫୁଲ ମହାରଣା, ଉପସଭାପତି ବଲ୍ଲଭ ମହାରଣା, ସମ୍ପାଦକଭାବେ ସୁରେଶ ମହାରଣା ମନୋନୀତ ହୋଇଛନ୍ତି । ଶେଷରେ ଅଶୋକ ମହାରଣା ଧନ୍ୟବାଦ ଦେଇଥିଲେ ।

# ବିଦ୍ୟୁତ୍ ଆଘାତରେ ମୋଟର ମେକାନିକ୍ ମୃତ

**ବ୍ରହ୍ମପୁର ଅଫିସ,୨୫।୮**

ବିଦ୍ୟୁତ ଆଘାତରେ ଗୁରୁତର ଆହତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ମୋଟର ମେକାନିକ୍‌ଙ୍କ ଶନିବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ଗ୍ରାମର ଟୁଟୁ ଗୌଡ଼ (୩୨)। ବଡବଜାର ଥାନା ପୋଲିସ ରବିବାର ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ନଂ.୧୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ପ୍ରକାଶ ଯେ, ଟୁଟୁ ଶନିବାର ଗଣେଶ ନଗର ୩ୟ ସାରଣୀର ଜଣଙ୍କ ଘରେ ଖରାପ ହୋଇଯାଇଥିବା ମୋଟର ସଜାଡୁଥିଲେ। ମୋଟରରେ ଖଞ୍ଜାଯାଇଥିବା ଏକ ବିଦ୍ୟୁତ ତାର ତାଙ୍କ ଦେହରେ ଲାଗିଯିବାରୁ ସେ ଛିଟିକି ତଳେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ଟୁଟୁଙ୍କୁ ବଡ଼ ମେଡିକାଲକୁ ନିଆଯାଇଥିଲା। ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।

## କୋରାପୁଟ ଜିଲା ଖବର

# ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଯାପିତ

**ଜୟପୁର,୨୫।୮(ଡି.ଏନ୍.ଏ./ନି.ପ୍ର.)**

ଜୟପୁର ଅରବିନ୍ଦ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨ଦିନିଆ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଛି । ରବିବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟାଉନଥାନା ଅଧିକାରୀ ବାଲେଶ୍ୱର ଗିଧି ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ମେଳାରେ କୋଟପାଡ଼, କୁମୁଲି, ବୋରିଗୁମ୍ମା, କୁନ୍ଦୁରା, ଲମତାପୁଟ, ବୈପାରୀଗୁଡ଼ା ଓ ଜୟପୁରସ୍ଥିତ ଶାରଦାବିହାର ଓ ଅରବିନ୍ଦ ନଗର ବିଦ୍ୟାମନ୍ଦିରର ୨୨୮ ଜଣ ଛାତ୍ରୀଛାତ୍ର ୩୪ଟି ବିଭାଗରେ ଭାଗ ନେଇଥିଲେ। ଶିଶୁ, ବାଲ, କିଶୋର ଏବଂ ଆଚାର୍ଯ୍ୟ ବର୍ଗର ଗଣିତ, ବିଜ୍ଞାନ, ସଂସ୍କୃତ ଜ୍ଞାନ ଓ ନିବନ୍ଧ ବିଭାଗର ପୃଥକ୍ ପ୍ରତିଯୋଗିତା ହୋଇଥିଲା। ବିଜ୍ଞାନ ପ୍ରକଳ୍ପରେ ଅରବିନ୍ଦ ନଗରର ଶୁଭମିତ୍ରା ମହାକୁଳ, ଆଦିଶ୍ରୀ ରାଉତ, ଦେବଶ୍ରୀୟା ଦାଶ, ଆଦିତ୍ୟ ପାତ୍ର, ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ, ବିଜ୍ଞାନ ଓ ଗଣିତ ପ୍ରଶ୍ନମଞ୍ଚରେ ଶାରଦା ବିହାର ଏବଂ ସଂସ୍କୃତରେ କୁନ୍ଦୁରା ବିଦ୍ୟାମନ୍ଦିର କୃତକାର୍ଯ୍ୟ ହେବା ସହ ଆଗକୁ ନବରଙ୍ଗପୁରରେ ହେବାକୁ ଥିବା ବିଭାଗସ୍ତରୀୟ ମେଳା ପାଇଁ ମନୋନୀତ ହୋଇଛନ୍ତି । ସଙ୍କୁଳ ପ୍ରମୁଖ ଜନାର୍ଦ୍ଦନ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପ୍ରଧାନଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ଏହି ମେଳା ହୋଇଥିଲା। ପରିଚାଳନା କମିଟି ସଭାପତି ମୀନକେତନ ପରିଚ୍ଛା, ଉପସଭାପତି ରତିକାନ୍ତ ବେହେରା, ସଂପାଦକ କୃଷ୍ଣଚନ୍ଦ୍ର ପାତ୍ର, ଆନନ୍ଦ ଓଝା, ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ୧୦ଟି ବିଦ୍ୟାମନ୍ଦିରର ୩୮ଜଣ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ। ଗତ ଶନିବାର ମେଳାକୁ ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ସୁରେନ୍ଦ୍ରନାଥ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ।


ଜ୍ଞାନବିଜ୍ଞାନ ମେଳାରେ ଅତିଥିଙ୍କ ଦ୍ୱାରା ଜଣେ ଛାତ୍ରୀ ପୁରସ୍କୃତ ହେଉଛନ୍ତି ।

## ଛାତ୍ରୀଙ୍କ ସ୍ଥାନରେ ଅନ୍ୟ ଜଣଙ୍କ ଖାତାକୁ ଗଲା ବୃତ୍ତି ଟଙ୍କା

**ଜୟପୁର,୨୫।୮(ନି.ପ୍ର.)**

ଅନୁସୂଚିତ ଜନଜାତି ପାଇଁ ରହିଥିବା ପୋଷ୍ଟ ମାଟ୍ରିକ ସ୍କଲାରସିପ ପାଇବାରୁ ବଞ୍ଚିତ ହୋଇଛନ୍ତି ଜଣେ ଛାତ୍ରୀ। ଜୟପୁର ମହିଳା ମହାବିଦ୍ୟାଳୟର ରଞ୍ଜିତା ଶିଶା ଛାତ୍ରବୃତ୍ତି ବାବଦକୁ ୫ ହଜାର ୪ ଶହ ଟଙ୍କା ପାଇପାରି ନାହାନ୍ତି । ଯୁକ୍ତ ତିନି ପ୍ରଥମ ବର୍ଷରେ ଯୋଗଦେବା ପରେ ରଞ୍ଜିତା ଅନୁସୂଚିତ ଜନଜାତିଙ୍କ ପାଇଁ ରହିଥିବା ପୋଷ୍ଟ ମାଟ୍ରିକ ସ୍କଲାରସିପ ପାଇଁ ଆବେଦନ କରିଥିଲେ। ସମସ୍ତ ତଥ୍ୟ ଠିକ ଥିବାରୁ ସେ ଛାତ୍ରବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । କିନ୍ତୁ ଏଥିପାଇଁ ଯେଉଁ ଆକାଉଣ୍ଟ ନମ୍ବର ଦିଆଯାଇଥିଲା, ସେଥିରେ ଅର୍ଥ ନଯାଇ ମାଛକୁଣ୍ଡ ଷ୍ଟେଟବ୍ୟାଙ୍କର ଅନ୍ୟ ଜଣଙ୍କ ଖାତାକୁ ଏହା ଚାଲିଯାଇଥିଲା। ଏନେଇ ରଞ୍ଜିତା ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ନ୍ୟୁଟ୍ରିସନ ପଏଣ୍ଟ ଉଦ୍‌ଘାଟନ କଲେ ମନ୍ତ୍ରୀ

**ବୋରିଗୁମ୍ମା,୨୫।୮(ଡି.ଏନ୍.ଏ.)**

କୋରାପୁଟ ଜିଲା ବୋରିଗୁମ୍ମା ଭେଙ୍କଟନଗର ଠାରେ ବେସରକାରୀ ନ୍ୟୁଟ୍ରିସନ ପଏଣ୍ଟର ଶୁଭ ଉଦ୍‌ଘାଟନ କରିଛନ୍ତି ମୁଖ୍ୟ ଅତିଥି ବୟନ ଓ ହସ୍ତତନ୍ତ ବିଭାଗ ମନ୍ତ୍ରୀ ପଦ୍ମିନୀ ଦିଆନ। ବ୍ୟସ୍ତବହୁଳ ଜୀବନରେ ସୁସ୍ଥ ଶରୀର ପ୍ରତି ଲୋକେ ଧ୍ୟାନ ଦେଇପାରୁ ନାହାନ୍ତି। ସନ୍ତୁଳିତ ଓ ନିରୋଗ ଶରୀର ପାଇଁ ବ୍ୟାୟାମସହ ନ୍ୟୁଟ୍ରିସନ ବା ପୋଷଣଯୁକ୍ତ ଖାଦ୍ୟ ଆବଶ୍ୟକ ବୋଲି ମନ୍ତ୍ରୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଏସ୍‌ଡିପିଓ ହରେକୃଷ୍ଣ ମାଝି, ଜିଲା ପରିଷଦ ସଭ୍ୟ ଏଲ୍. ନାରାୟଣ ରାଓ, ଏମ୍‌ପି ପ୍ରତିନିଧି କେଶବ ପଣ୍ଡା, ବିବେକାନନ୍ଦ ପଟ୍ଟନାୟକ ଉପସ୍ଥିତ ଥିଲେ। ନ୍ୟୁଟ୍ରିସନ ପଏଣ୍ଟ ବୋରିଗୁମ୍ମା ଶାଖା ମୁଖ୍ୟ ବିମଳ ଷଡ଼ଙ୍ଗୀ ଓ ସହଯୋଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ନ୍ୟୁଟ୍ରିସନ ପଏଣ୍ଟର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କ ସହ ଅନ୍ୟମାନେ ।

■ ବହୁ ଥର ବୈଠକ ହେଲାଣି, ପୂରଣ ହେଉନି ଦାବି

# କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ହାଲ୍ କର୍ମଚାରୀ

**ସୁନାବେଡ଼ା,୨୫।୮(ଡି.ଏନ୍.ଏ.)**

ହିନ୍ଦୁସ୍ଥାନ ଏରୋନ୍‌ଟିକ୍ସ ଲିମିଟେଡ (ହାଲ୍)ର କର୍ମଚାରୀମାନେ ଦୀର୍ଘଦିନ ଧରି ବଭିନ୍ନ ଦାବି ମ୍ୟାନେଜ୍‌ମେଣ୍ଟ ନିକଟରେ ଉପସ୍ଥାପନ କରି ଆସୁଛନ୍ତି। ମାତ୍ର ମ୍ୟାନେଜ୍‌ମେଣ୍ଟ ତାକୁ ଗ୍ରହଣ କରୁନାହିଁ। ଏହି ପାତର ଅନ୍ତର ନୀତିର ବିରୋଧ କରି ଦାବି ପୂରଣ ନ ହେବା ଯାଏ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ କର୍ମଚାରୀ ସଂଘ ନିଷ୍ପତ୍ତି ନେଇଛି। ଏ ନେଇ ଖୁବ୍‌ଶୀଘ୍ର ଦିନ ଧାର୍ଯ୍ୟ ହେବ ଏବଂ ଏ ସମ୍ପର୍କରେ ହାଲ୍ ମ୍ୟାନେଜ୍‌ମେଣ୍ଟଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସୂଚନାପ୍ରକାରେ, ହାଲ୍‌ରେ କାର୍ଯ୍ୟରତ ଅଧିକାରୀମାନଙ୍କୁ ପୂର୍ବ ମୂଳ ଦରମାର ୧୫ ପ୍ରତିଶତ ଫିଟ୍‌ମେଣ୍ଟ ଏବଂ ୩୫ ପ୍ରତିଶତ ପର୍କ ଆଲାଉନ୍ସ ସହ ଅନ୍ୟାନ୍ୟ ସୁବିଧା ମିଳୁଛି। ଯାହାକି ପୂର୍ବ ଦରମାର ୩୫ ପ୍ରତିଶତ ଏବଂ ପର୍କ ଆଲାଉନ୍ସର ୧୧୦ରୁ ୧୪୫ ପ୍ରତିଶତ ବର୍ଦ୍ଧିତ ହାରରେ ୨୦୧୭ ଜାନୁୟାରୀ ପହିଲାରୁ ମିଳିଆସୁଛି। ମାତ୍ର କର୍ମଚାରୀ ତଥା ଶ୍ରମିକଙ୍କ ପାଇଁ କେବଳ ୧୧ ପ୍ରତିଶତ ଫିଟ୍‌ମେଣ୍ଟ ଓ ୨୧ ପ୍ରତିଶତ ପର୍କ ଆଲାଉନ୍ସ (ପୂର୍ବ ମୂଳ ଦରମାର ମାତ୍ର ୬ ପ୍ରତିଶତ) ବର୍ଦ୍ଧିତ ହାର ରହିଛି। ତେଣୁ କର୍ମଚାରୀ ସଂଘ ଏବଂ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ଗତ ୨୩ ଓ ୨୪ ତାରିଖରେ ବାଙ୍ଗାଲୋର୍‌ଠାରେ ଅନୁଷ୍ଠିତ ବୈଠକରେ କର୍ମଚାରୀ ସଂଘ ପୂର୍ବ ଦାବି (୧୫ ଏବଂ ୩୫ ପ୍ରତିଶତରୁ ଉର୍ଦ୍ଧ୍ୱ)କୁ ବଳବତ୍ତର ରଖିଥିଲା। ହେଲେ ମ୍ୟାନେଜ୍‌ମେଣ୍ଟ ତାକୁ ଅଗ୍ରାହ୍ୟ କରିଥିଲା। ତେଣୁ ସମସ୍ତ ଡିଭିଜନ୍‌ରେ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ଏଆଇଏଚ୍‌ଏଟିୟୁସିସି ନିଷ୍ପତ୍ତି ନେଇଛି। ସୁନାବେଡ଼ା ହାଲ୍ ଏହାକୁ ସମ୍ପୂର୍ଣ୍ଣ ସମର୍ଥନ ଏବଂ ସହଯୋଗ କରୁଥିବା କୁହାଯାଇଛି।

